୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

Vol.26 . No.38 BhubaneswarThursday March 14 2024 | ୨୬ତମ ବର୍ଷ ସଂଖ୍ୟା–୩୮ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ବିଜେପିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା: ଖଟ୍ଟର ଓ ଗଡକରୀଙ୍କୁ ମିଳିଲା ଟିକେଟ

ଭୁବନେଶ୍ୱର, ୧୩।୩(ପି.ଏନ): ଆଗାମୀ ଲୋକସଭା ନିର୍ବାଚନ ପାଇଁ ଆଜି ବିଜେପି ଦ୍ୱିତୀୟ ପର୍ଯ୍ୟାୟରେ ୭୨ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ଦଳ ୧୯୫ ଜଣଙ୍କ ନାଁ ଘୋଷଣା କରିଥିଲା। ଆଜି ଦଳ ଆଉ ୭୨ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ସାର୍ବଜନୀନ କରିଛି। ଏହି ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ଓ ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ଟିକେଟ ଦେଇଛି ବିଜେପି।



## ପଦ୍ମ ପୁରସ୍କାର ବିଜେତାଙ୍କୁ ମିଳିବ ମାସିକ ୨୫ ହଜାର ଟଙ୍କା: ମୁଖ୍ୟମନ୍ତ୍ରୀ କଲେ ଘୋଷଣା

ଭୁବନେଶ୍ୱର, ୧୩।୩(ପି.ଏନ): ପଦ୍ମ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିତ୍ୱଙ୍କ ପାଇଁ ମଧ୍ୟ ଏକ ବଡ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଭଳି ମହାନ୍ ବ୍ୟକ୍ତିତ୍ୱମାନଙ୍କୁ ମାସିକ ୨୫ ହଜାର ଟଙ୍କା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ଏପ୍ରିଲ ମାସରୁ ସରକାରଙ୍କ ତରଫରୁ ଏହି ସମ୍ମାନ ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି ରାଜ୍ୟ ସରକାର ।



ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ନବୀନ ନିବାସ ଘେରାଉ କାର୍ଯ୍ୟକ୍ରମ। ଶିଶୁଭବନ ଛକଠାରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଓ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି

## ମନ୍ତ୍ରୀଙ୍କ ଉପସ୍ଥିତିରେ ଭାଙ୍ଗିଲା ବିଜେଡି ଟେଣ୍ଟ

ଭୁବନେଶ୍ୱର, ୧୩।୩(ପି.ଏନ): ଇଣ୍ଡୋର ଷ୍ଟାଡିୟମ୍ ଲୋକାର୍ପଣ ପାଇଁ ବନ୍ଧା ଯାଇଥିଲା ଟେଣ୍ଟ। ହେଲେ ଲୋକାର୍ପଣ ପୂର୍ବରୁ ମନ୍ତ୍ରୀଙ୍କ ଉପସ୍ଥିତିରେ ଭାଙ୍ଗିଲା ବିଜେଡି ଟେଣ୍ଟ। ଜୀବନ ବିକଳରେ ଧାଇଁ ପଳାଇଗଲେ ବିଜେଡି ନେତା ଓ କର୍ମୀ। ଆଜି ସନ୍ଧ୍ୟା ବେଳେ ଏପରି ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଟାଉନ୍‌ରେ। ଟେଣ୍ଟ ଭାଙ୍ଗି ଯାଇଥିବାରୁ ଅଧାରେ ରହିଲା ଲୋକାର୍ପଣ ପର୍ବ।ଜଳେଶ୍ୱର ଟାଉନ୍‌ରେ ୮.୨୫ କୋଟି ଟଙ୍କା ବ୍ୟୟରେ ରାଜ୍ୟ ସରକାର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଆଜି ଉକ୍ତ ଷ୍ଟାଡିୟମ୍‌ର ଲୋକାର୍ପଣ ହେବାର ଥିଲା। ସେଥିପାଇଁ ଷ୍ଟାଡିୟମ୍ ସମ୍ମୁଖରେ ତିଆରି ହୋଇଥିଲା ଭବ୍ୟ ଟେଣ୍ଟ। ଅପରାହ୍ନ ୫.୨୦ ମିନିଟ୍‌ରେ ଲୋକାର୍ପଣ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟରେ ସଭାକାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ।



### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।


–ପ୍ରକାଶକ

## ମେଣ୍ଟ ସସପେନ୍ସ : ଶାହଙ୍କ ସହ ଆଲୋଚନା କଲା ରାଜ୍ୟ ବିଜେପି, ଆସନ୍ତାକାଲି ବିଜେଡିର ବରିଷ୍ଠ ନେତାଙ୍କ ବୈଠକ

ଭୁବନେଶ୍ୱର, ୧୩।୩(ପି.ଏନ): ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ନିର୍ବାଚନୀ ମେଂଟ ହେବ କି ନାହିଁ ସେହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପଡିବାର ନାଁ ଧରୁନି । ସମ୍ଭାବ୍ୟ ମେଂଟକୁ ନେଇ ଦୀର୍ଘ ଏକ ସପ୍ତାହ ଧରି ଲାଗି ରହିଥିବା ସସପେନ୍ସ ଆଜି ବି ଜାରି ରହିଛି । ରାଜ୍ୟ ବିଜେପି କୋର କମିଟିର ନେତାମାନେ ଆଜି ନୂଆଦିଲ୍ଲୀରେ ବିଜେପି ଚାଣକ୍ୟ ଅମିତ୍ ଶାହଙ୍କୁ ଭେଟି ନିର୍ବାଚନୀ ରଣନୀତି ଉପରେ ଆଲୋଚନା କରିଛନ୍ତି। ଏପଟେ ଏକ ସପ୍ତାହ ବ୍ୟବଧାନରେ ବିଜେଡି ପୁଣିଥରେ ନିଜର ବରିଷ୍ଠ ନେତାମାନଙ୍କୁ ନବୀନ ନିବାସ ଡକାଇଛି । ଆସନ୍ତାକାଲି ଅପରାହ୍ନ ୪ଟାରେ ବିଜେଡିର ବରିଷ୍ଠ ନେତାମାନଙ୍କ ସହ ନିର୍ବାଚନୀ ରଣନୀତିକୁ ନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଆଲୋଚନା କରିବେ ବୋଲି ଜଣାପଡିଛି । ନିର୍ବାଚନ ଆଉ ମାତ୍ର ଦେ ?ମାସ ବାକି ଥିବାବେଳେ ସମ୍ଭାବ୍ୟ ମେଂଟକୁ ନେଇ ଅସ୍ପଷ୍ଟ ଚିତ୍ର ଯୋଗୁ ଉଭୟ ଦଳର ନେତା,କର୍ମୀ ଓ ଟିକେଟ୍ ଆଶାୟୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି । ଦିନ ଯେତିକି ଗଡୁଛି ଦୁଇ ଦଳ ପାଇଁ କ୍ଷତି ସେତିକି ବଢ଼ିବାରେ ଲାଗିଥିବା ଚର୍ଚ୍ଚା । ସୂଚନା ଅନୁସାରେ, ରାଜ୍ୟ ବିଜେପିର କୋର କମିଟି ସଦସ୍ୟମାନେ ଆଜି ଦଳର ବରିଷ୍ଠ ନେତା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟିଛନ୍ତି । ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସଭାପତି ମନମୋହନ ସାମଲ ଓ ସଂଗଠନ ସମ୍ପାଦକ ମାନସ ମହାନ୍ତି ପ୍ରମୁଖ ଆଜି ଅମିତ୍ ଶାହଙ୍କୁ ଭେଟି ନିର୍ବାଚନୀ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ରାଜ୍ୟରେ ଗଠନ ହେବ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର ୧୩।୩(ପି.ଏନ): ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଘଇଉ) ଗଠନ ଏବଂ ଗଞ୍ଜାମର ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲା ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣି, ବଲାଙ୍ଗିରର ଲୋଇସିଂହା ଓ ସିନ୍ଧେ ?କେଲା, ବରଗଡର ସୋହେଲା, ବାଲେଶ୍ୱରର ବାଲିଆପାଳ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଳ, ଜଗତସିଂହପୁରର କୁଜଙ୍ଗ, କଳାହାଣ୍ଡିର ନର୍ଲା ଓ ମଦନପୁର ରାମପୁର ଖୋର୍ଦ୍ଧାର ବୋଲଗଡ ନୟାଗଡ଼ର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର ,ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା ,ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଗଲା । ସୂଚନାଯୋଗ୍ୟ ଯେ ଜନସାଧାରଣଙ୍କ ଦାବି, କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ ଗୁଡିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଗତ ମାସ ରେ ମୁଖ୍ୟମନ୍ତ୍ରୀ ୩୫ ଟି ନୂଆ ଘଇଉ ଓ ୫ଟି ନୂଆ ମ୍ୟୁନିସିପାଲିଟି ଗଠନ ବିଷୟ ଘୋଷଣା କରିଥିଲେ ।








## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହାଁନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ବହୁମୁଖୀ ପ୍ରତିଭାର ଅଧିକାରୀ ଡକ୍ଟର ଭୋଳାନାଥ ରାଉତ

ଜନ୍ମ ଥିଲେ ମୃତ୍ୟୁ ଅଛି । ଏହାହିଁ ଚିରନ୍ତନ ସତ୍ୟ। ଏହାକୁ ଏଡାଇ ହେବ ନାହିଁ । ଏପରିକି ଦେବତାମାନେ ଏଠି ଜନ୍ମ ନେଲେ ତାଙ୍କୁ ବି ମରିବାକୁ ପଡିଥାଏ। ସେଥିପାଇଁ କୁହାଯାଏ- 'ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ, ସାର୍ଥକ ମରଣ ତାର ଯାହା ପାଇଁ ମାଟି ଗୋଡି ଝୁରେ।' ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ। ପ୍ରବୀଣ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ଡକ୍ଟର ଭୋଳାନାଥ ରାଉତ । ଜନ୍ମ ହୋଇଥିଲେ ଫେବୃଆରୀ ୫ ତାରିଖ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନନ୍ଦିଗ୍ରାମରେ ୧୯୩୮ ମସିହାରେ ଓ ଚାଲିଗଲେ ଆରପାରିକୁ ୨୦୨୧ ମସିହା ଅକ୍ଟୋବର ୧୬ ତାରିଖରେ। ଦୀର୍ଘ ୮୩ ବର୍ଷର ଘଟଣାବହୁଳ ଓ ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ୱଲ୍ୟମାନ। ଯଥାର୍ଥରେ ସିଏ ଥିଲେ ଏ ମାଟିର ଅମୂଲ୍ୟ ରତ୍ନ। ତାଙ୍କ ମୃତ୍ୟୁରେ ଏକ ଯୁଗର ଅବସାନ ହେଲା। ତାଙ୍କ ପରି ଜଣେ ମଣିଷ ଆଉ କେବେ ଜନ୍ମ ନେବେ କେଜାଣି ! ତାହା ବିଶ୍ୱନିୟନ୍ତାଙ୍କୁ ଜଣା।

ଡକ୍ଟର ଭୋଳାନାଥ ରାଉତ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଏତେ ସୁଗୁଣର ଅଧିକାରୀ ହେବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ । ଏକାଧାରରେ ସେ ଥିଲେ ପ୍ରଚଣ୍ଡ ସାରସ୍ୱତ ପ୍ରତିଭା, ପ୍ରବୀଣ ଶିକ୍ଷାବିତ୍, ବିଶିଷ୍ଟ ଶିକ୍ଷକ ନେତା, ଦକ୍ଷ ସଂଗଠକ, ଜଗତସିଂହପୁର ଜିଲ୍ଲା ପୁସ୍ତକ ମେଳାର ପୁସ୍ତକ 'ସ୍ମୃତିପତ୍ର'ର ମୁଖ୍ୟ ସଂପାଦକ, ଶିକ୍ଷକ ମହାସଂଘ ଜଗତସିଂହପୁର ଶାଖାର ସଭାପତି, ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସଦସ୍ୟ ଓ ସର୍ବୋପରି ଅଖିଳ ଭାରତୀୟ ଓଡିଆ ଅଧ୍ୟାପକ ସଂଘର ସଭାପତି। ବିଶେଷକରି ଜଣେ ସଂଗ୍ରାମୀ ଶିକ୍ଷକ ନେତା ପ୍ରବୀଣ ଅଧ୍ୟାପକ ଓ ଅନନ୍ୟ ସାରସ୍ୱତ ସାଧକ ଭାବେ ଓଡିଶାର ଶିକ୍ଷକ ସମାଜ ଓ ସାରସ୍ୱତ ଜଗତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ସେଥିପାଇଁ ଛାଏଁ ଛାଏଁ ମଥା ନଇଁଯାଏ ଡକ୍ଟର ରାଉତଙ୍କ ପ୍ରତି। ତାଙ୍କ ଭଳି ଜଣେ ନିରଳସ ଓ ସାହିତ୍ୟ ସ୍ରଷ୍ଟା ଓ ଶିକ୍ଷକ ନେତା ଆଜିର ଦୁନିଆରେ ମିଳିବା ଭାରି କଷ୍ଟ ।

ଅଧ୍ୟାପନା ଜୀବନ ଆରମ୍ଭ ହୁଏ ସ୍ଥାନୀୟ ଏସ୍.ଭି.ଏମ୍. ମହାବିଦ୍ୟାଳୟରୁ ଓଡିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଭାବେ ୧୯୬୯ ମସିହା ପୂର୍ବବର୍ତ୍ତୀ ଅବସ୍ଥାରେ। ଯେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନରେ ଚାକିରି ତାଳଗଛ ଛାଇ ସଦୃଶ ଥିଲା । ସକାଳେ ଥିବା ଚାକିରି ସଂଜକୁ ନଥିଲା । ଏଭଳି ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ଅଣ୍ଟା ଭିଡିଥିଲେ ଡକ୍ଟର ରାଉତ । ସୁଯୋଗକୁ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ପ୍ରଫେସର ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କ୍ରିୟାନୁଷ୍ଠାନ କମିଟି ଗଠିତ ହେଲା ଓ ପରେ ପରେ ୧୯୭୧ ମସିହାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ପ୍ରଫେସର ଅବନୀ ବରାଳ ରହିଲେ । ଏଇଠୁ ଆରମ୍ଭ ହେଲା ଡକ୍ଟର ରାଉତଙ୍କ ସଂଗ୍ରାମୀ ଜୀବନ । ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଓ ପରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ପ୍ରତିଷ୍ଠାତା ସଦସ୍ୟ ଭାବେ ଭୂମିକା କୌଣସି ଗୁଣରେ କମ୍ ନଥିଲା। ସଂଗଠନ ଭିତରେ ସେ ସବୁବେଳେ "ସଂକଟ-ମୋଚନକାରୀ" ଭୂମିକା ନିର୍ବାହ କରୁଥିଲେ । ସେଥିପାଇଁ ରାଜ୍ୟସ୍ତରରେ ଓ ଜିଲ୍ଲା ସ୍ତରରେ ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷକନେତାଙ୍କର ସ୍ୱତନ୍ତ୍ର ସମ୍ମାନ ତାଙ୍କ ପ୍ରତି ରହିଥିଲା। ଯେତେବେଳେ କୌଣସି ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ତାଙ୍କ ପାଖକୁ ଯାଉଥିଲେ ସେ କାହାକୁ ନିରାଶ କରୁନଥିଲେ। ସେ ଥିଲେ ଜଣେ ଅଶାବାଦୀ ମଣିଷ । ସମସ୍ତଙ୍କୁ କହୁଥିଲେ ସଂଗଠନ ଓ ଏକତା ହେଉଛି ଆମର ବଡ ପୁଞ୍ଜି। ସମସ୍ତେ ପ୍ରତ୍ୟେକଙ୍କ ପାଇଁ ଓ ପ୍ରତ୍ୟେକ ସମସ୍ତଙ୍କ ପାଇଁ ନୀତିକୁ ଆପଣାଇଲେ ଆମର ସଂଗ୍ରାମ ସଫଳ ହେବ। ପ୍ରକୃତରେ ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ବୋଲି ପ୍ରମାଣିତ ହୋଇଥିଲା। ୧୯୬୯ ମସିହାର ଓଡିଶା ଶିକ୍ଷା ଆଇନ୍ ୧୯୭୪ ମସିହାର ପ୍ରତ୍ୟକ୍ଷ ଅନୁଦାନ ଓ ୧୯୮୦ ମସିହାର ପେନ୍‌ସନ୍ ସୁବିଧା ଏବଂ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ତାହାର ଗୋଟିଏ ଗୋଟିଏ ଉଦାହରଣ।

ସଂଗ୍ରାମୀ ଜୀବନ ଭିତରେ ଭୋଳାନାଥ ରାଉତଙ୍କ ସାହିତ୍ୟ ସାଧନା ସ୍ଥିର ହୋଇନଥିଲା। ତାଙ୍କର ପେଶା ଥିଲା ଅଧ୍ୟାପନା ଓ ନିଶା ଥିଲା ସାହିତ୍ୟ ସାଧନା। ପେଶାରୁ ନିବୃତ୍ତ ହେବା ପରେ ଲେଖନୀ ତାଙ୍କର ଅଧିକ ଶାଣିତ ହୋଇଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହା ତାଙ୍କ ସୃଷ୍ଟିସମ୍ଭାରରୁ ବେଶ୍ ବାରି ହୋଇପଡେ। ଏପରିକି ବିଭିନ୍ନ ପତ୍ରପତ୍ରିକାରେ ଅନେକ ଉପାଦେୟ ପ୍ରବନ୍ଧ ଲେଖି ସେ ଅନେକ ଖ୍ୟାତି ଅର୍ଜନ କରିଥିଲେ। ଦାଣ୍ଡି ରାମାୟଣରେ ଓଡ଼ିଶାର ଲୋକସଂସ୍କୃତି, କାବ୍ୟ ଓ କବି, ଓଡ଼ିଆ ସାହିତ୍ୟରେ ତତ୍ତ୍ୱ ଓ ତଥ୍ୟ, ବୈଦିକ ସମାଜରେ ସାହିତ୍ୟ ଓ ସଂସ୍କୃତି, ଲେଖା ଓ ଲେଖକ ଶତାବ୍ଦୀର ସ୍ୱପ୍ନ ପ୍ରବନ୍ଧ ସେ ଯୁଗେ ଓ ଏ ଯୁଗେ ଇତ୍ୟାଦି ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ମହାର୍ଘ ଦାନ ଓଡ଼ିଆ ସାହିତ୍ୟ ଓ ଆଧ୍ୟାତ୍ମିକ ଜଗତରେ ସେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ। ବିଶେଷକରି 'ଜଗତସିଂହପୁର ଜିଲ୍ଲା ଅତୀତ ଓ ବର୍ତ୍ତମାନ' ପୁସ୍ତକ ସଂକଳନ ତାଙ୍କ ଜୀବନର ଏକ ମାଇଲଖୁଣ୍ଟ ହୋଇ ରହିବ । ଏହି ପୁସ୍ତକ ସଂକଳନ କରି ସେ ଇତିହାସ ପୁରୁଷ ପାଲଟି ଯାଇଛନ୍ତି । ସେଥିପାଇଁ ଜଗତସିଂହପୁର ଜିଲ୍ଲାବାସୀ ତାଙ୍କ ପାଖରେ ସର୍ବଦା ଋଣୀ ହୋଇ ରହିବେ। ସେହିପରି ୧୯୯୯ ମହାବାତ୍ୟା ପରେ ଆରମ୍ଭ ହୋଇଥିବା ଜଗତସିଂହପୁର ପୁସ୍ତକମେଳାର "ସ୍ମୃତିପତ୍ର"ର ମୁଖ୍ୟ ସମ୍ପାଦକ ଭାବେ ତାଙ୍କ ଅବଦାନକୁ ଭୁଲିହେବ ନାହିଁ । ଏହା ତାଙ୍କର ସାରସ୍ୱତ ପ୍ରତିଭାର ମୂଲ୍ୟାୟନ କରେ । ଏଥିସହିତ ଅଖିଳ ଭାରତ ଓଡିଆ ଅଧ୍ୟାପକ ସଂଘର ସଭାପତି ଦାୟିତ୍ୱ ତାଙ୍କ ସାଂଗଠନିକ ଦକ୍ଷତାର ଅନ୍ୟ ଏକ ନମୁନା। ଖାଲି ସେତିକି ନୁହେଁ ଏସ୍.ଭି.ଏମ୍ କଲେଜଠାରୁ ଆରମ୍ଭ କରି ଆଦିକବି ସାରଳାଦାସ ମହାବିଦ୍ୟାଳୟ ତିର୍ତ୍ତୋଲ, ବାଙ୍କୀ ମହାବିଦ୍ୟାଳୟ, କନ୍ଦରପୁର ମହାବିଦ୍ୟାଳୟ ଅନେକ ମହାବିଦ୍ୟାଳୟରେ ଅଧ୍ୟାପନା ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରି ୧୯୯୮ ମସିହାରେ କେନ୍ଦ୍ରାପଡ଼ା କଲେଜରୁ ସେବାନିବୃତ୍ତ ହୋଇଥିଲେ।

ସବୁ ମଣିଷର ଜନ୍ମ ଏକ ପ୍ରକାର। କିନ୍ତୁ ଅସାଧାରଣ କର୍ମହିଁ ମଣିଷକୁ କାଳଜୟୀ କରିଥାଏ। ଏହାହିଁ ପ୍ରକୃତରେ ପ୍ରମାଣିତ କରିଯାଇଛନ୍ତି ଡକ୍ଟର ରାଉତ। ଦାସେ ଆପଣେଙ୍କ ଭାଷାରେ-"ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ/କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।" ଚାହୁଁ ଚାହୁଁ ୧ବର୍ଷ ହୋଇଗଲା। ସବୁରି ପ୍ରିୟ ଡ଼କ୍ଟର ଭୋଳାନାଥ ରାଉତ ଚାଲିଯାଇଛନ୍ତି ଅଫେରା ରାଇଜକୁ। ସେ ଆଉ ଫେରିବେନି। ହେଲେ ତାଙ୍କ ଅବର୍ତ୍ତମାନର ଦିନ ଯେତେ ଗଡି ଗଡି ଯାଉଛି ତାଙ୍କ ସୁଗୁଣର ସୁମନ ସେତେ ବେଶୀ ପାଖୁଡା ମେଲାଉଛି । ଆଉ ସେହି ବାସ୍ନାକୁ ଆଘ୍ରାଣ କରୁଛନ୍ତି ଜିଲ୍ଲା ତଥା ରାଜ୍ୟବାସୀ। ତଥାପି ଆମକୁ ଲାଗୁଛି ସତେ ଯେମିତି ତାଙ୍କର ମୃତ୍ୟୁ ହୋଇନାହିଁ । ସେ ଆମ ଆଖିରେ ଏବେବି ଜୀବନ୍ତ ମଣିଷ ଭଳି ବଞ୍ଚି ରହିଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏତିକି କୁହାଯାଇପାରେ- ***"ମାଟି ଦେହ ସିନା ତୁମ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ।"***

# ଆଇଭିଏଫ୍ ମାଧ୍ୟମରେ ସନ୍ତାନ

ବହୁଦିନ ପରେ ସ୍କୁଲ ବେଳର ସାଙ୍ଗ ସୁମିତ୍ରାର ଫୋନ କଲ୍‌ଟିଏ ପାଇଲି। ଆଉଟଡୋର ଯିବାକୁ ତରତର ହେଉଥିବାବେଳେ ସୁମିତ୍ରାର ଫୋନ ମୋତେ ସାମାନ୍ୟ ଇତଃସ୍ତତ କରିଦେଲା। ମୁଁ ଜାଣିଛି ଦୀର୍ଘଦିନ ବିବାହ ପରେ ବି ତା କୋଳକୁ ପିଲାଟିଏ ଆସିନାହିଁ। ମୋତେ ଫୋନରେ କହିଲା- 'ଆଜି ଖବରକାଗଜ ଦେଖିଲଣି, ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ନେଲାପର୍ତ୍ତିପାଡୁ ଗାଁର ଇ.ରାଜା ରାଓଙ୍କ ସ୍ତ୍ରୀ ଏରାମତ୍ତି ମାଙ୍ଗାୟାମ୍ମା କୋଠପେଟସ୍ଥିତ ଅହଲ୍ୟା ହସ୍ପିଟାଲରେ ଯମଜ ସନ୍ତାନ ଜନ୍ମ ଦେଇଛନ୍ତି। ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ ପଦ୍ଧତିରେ ସେ ଗର୍ଭଧାରଣ କରିଥିଲେ। ସନ୍ତାନ ଜନ୍ମ କରିବାରେ ସେ ଭାରତର ସବୁଠୁ ବୟସ୍କା ମାଆ ବୋଲି ଡାକ୍ତର କହିଛନ୍ତି।' ମୁଁ ତାକୁ ସବିଶେଷ କହିଲି। ୭୪ ବର୍ଷୀୟା ଏହି ମହିଳା ହେଉଛନ୍ତି ସନ୍ତାନ ଜନ୍ମ କରିବାରେ ଭାରତର ସବୁଠୁ ବୟସ୍କା ମାଆ। ଏହା ପୂର୍ବରୁ ୨୦୧୬ରେ ପଞ୍ଜାବର ୭୦ ବର୍ଷୀୟା ଦଲଜିନ୍ଦର କୌର ପ୍ରଥମ ଥର ମାଆ ହୋଇଥିଲେ। ଆଇଭିଏଫ୍ ମାଧ୍ୟମରେ ଯମଜ କନ୍ୟା ସନ୍ତାନ ପାଇଥିବା ଏ ମହିଳା କିନ୍ତୁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ ନାହିଁ। ମିଲ୍କ ବ୍ୟାଙ୍କରେ ମିଳୁଥିବା କ୍ଷୀର ଶିଶୁଙ୍କୁ ଦିଆଯିବ। ସୂଚନା ଥାଉକି ଅନ୍ୟ ଜଣେ ମହିଳା ଦାନ କରିଥିବା ଡିମ୍ବାଣୁ ସହ ଏହି ମହିଳାଙ୍କ ସ୍ୱାମୀ ରାଜା ରାଓଙ୍କ ଶୁକ୍ରାଣୁକୁ ଆଇଭିଏଫ୍ ପଦ୍ଧତିରେ ବିକଶିତ କରାଯାଇ ଏହି ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଇଥିଲା ଓ ସେ ଜାନୁଆରୀରେ ଗର୍ଭବତୀ ହୋଇଥିଲେ। ଅନେକ ହୁଏତ ଜାଣିନଥାନ୍ତି ଫଲିକିଲ୍ ଷ୍ଟିମୁଲେଟିଂ ହରମୋନ ଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜିରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ୍ ଷ୍ଟିମୁଲେଟିଂ ହର୍ମୋନ ସହିତ ସିନର୍ଜିରେ ଏଲ୍‌ଏଚ୍ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଭୁଲେସନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ୍ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି ଯାହାକୁ ଫଲିକିଲ୍ କୁହାଯାଏ। ଯେତେବେଳେ ମହିଳା ମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲ୍ ଗୁଡ଼ିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲ୍ ମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେସନ୍ ସମୟରେ ଏହାର ଡିମ୍ବାଣୁ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ୍ ଗୁଡ଼ିକ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁତ କମ୍ ପରିମାଣର ଡିମ୍ବାଣୁ ମହିଳା ମାନଙ୍କ ପ୍ରଜନନିକ ଜୀବନ ଅବଧି ସମୟରେ ଡିମ୍ବାଣୁ ନିଷ୍କାସିତ କରିବାକୁ ରହିଥାଆନ୍ତି। ଏଆର୍‌ଟି ପୂର୍ବରୁ ଏଫ୍‌ଏସ୍‌ଏଚ୍ ଥିବା ଔଷଧଗୁଡ଼ିକ ଦ୍ୱାରା ଫଲିକିଲ୍ ଓ ଡିମ୍ବାଣୁଗୁଡ଼ିକର ପୁର୍ନଃଆରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବାଣୁ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତ ସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲ୍ ମାନଙ୍କର ବିକାଶ ହୋଇଥାଏ,ଯାହା ଏକାଧିକ ପରିପକ୍ୱ ଡିମ୍ବାଣୁକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରେ। ଲୁଟେଞ୍ଜିଂ ହରମୋନ ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଓ ଓଭୁଲେସନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍‌ଏଚ୍ ହରମୋନ ସ୍ତରଗୁଡ଼ିକ ବଢ଼ିବା ସହିତ ଓଭୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ୍ ଷ୍ଟିମୁଲେଟିଂ ହରମୋନ ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବାଣୁଗୁଡ଼ିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫଏସ୍‌ଏଚ୍‌ର ସ୍ତରଗୁଡ଼ିକ ଭିନ୍ନ ହୋଇଥାଏ କିନ୍ତୁ ଓଭୁଲେସନର କିଛି ସମୟ ପୂର୍ବରୁ ଏଗୁଡ଼ିକ ଅଧିକ ହୋଇଥାଏ। ଆଇଭିଏଫ୍‌ର ସଫଳତାର ମାତ୍ରା ଆଜିକାଲି ଅଧିକ ହେଉଥିଲେ ବି କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳା ମାନଙ୍କ କ୍ଷେତ୍ରରେ ଏହା ଅଧିକ ନୁହେଁ କାରଣ ଯେଉଁମାନେ ଆବେଗିକ କ୍ଷେତ୍ର ହେଉ ବା ଶାରୀରିକ ବା ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି ସେମାନଙ୍କ ପାଇଁ ଏହି ସଫଳତା ଉପରୋକ୍ତ ଲକ୍ଷଣକୁ ନେଇ ନିର୍ଦ୍ଧାରିତ ହୋଇଥାଏ। ଆଜିକାଲି ଆଇଭିଏଫ୍ ମାଧ୍ୟମରେ ଅନେକ ଦମ୍ପତି ସନ୍ତାନ ପ୍ରାପ୍ତିର ସୁଖ ପାଉଛନ୍ତି। ଅନେକଙ୍କ ପାଇଁ ଏହା ବଡ଼ ଧୈର୍ଯ୍ୟର କାରଣ ଓ ବ୍ୟୟସାପେକ୍ଷର ପ୍ରସଙ୍ଗ ହୋଇପାରେ। ତେବେ ଆଇଭିଏଫ୍ ମାଧ୍ୟମରେ ସନ୍ତାନ ପ୍ରାପ୍ତି ପୂର୍ବରୁ ଦମ୍ପତିଙ୍କ ଭିତରେ ମାନସିକ ସନ୍ତୁଳନ ଜରୁରୀ। ସ୍ତ୍ରୀ ଓ ପ୍ରସୂତୀରୋଗ ବିଶେଷଜ୍ଞଙ୍କ ଉପରେ ଭରଷା କରିବା ସହ ଭଗବାନଙ୍କ ଉପରେ ପ୍ରଗାଢ଼ ଭକ୍ତି ଓ ପ୍ରାର୍ଥନାର ବିଶ୍ୱାସ ବରଦାନ ପରି କାମ କରିଥାଏ। ଉପରୋକ୍ତ ମହିଳାଙ୍କ ଖବର ସମଗ୍ର ଭାରତରେ ମହିଳା ମାନଙ୍କ ଆଇଭିଏଫ୍ ପଦ୍ଧତିରେ ସନ୍ତାନ ପ୍ରାପ୍ତିର ବଡ଼ ଖବର ନିଶ୍ଚୟ।

# ବଡ଼ଭାଇ

ଜଣେ ଆଦର୍ଶ ଶିକ୍ଷକ ଭାବେ, ଭାସ୍କର ସାର୍ କେବଳ ତାଙ୍କ ଗ୍ରାମ ଚକ୍ରଧରପୁର ଶାସନରେ ନୁହେଁ ସେ ମଉଜାର ପନ୍ଦର/କୋଡ଼ିଏ ଗ୍ରାମରେ ବେଶ୍ ଭଲ ଭାବରେ ପରିଚିତ। ପିତା/ମାତାଙ୍କର ସେ ଏକମାତ୍ର ସନ୍ତାନ। ବାପା ସୋମନାଥ ଆଚାର୍ଯ୍ୟ ସେ ଅଞ୍ଚଳର ଜଣେ ବଡ଼ ଜମିଦାର। ଶିକ୍ଷିତ ଓ ବିଚାରବନ୍ତ ମଧ୍ୟ। ଠିକ୍ ସମୟରେ ପୁଅର ବିବାହ ସମ୍ପନ୍ନ ହେଲା ପାଖ ଗାଁ ସରସ୍ୱତୀପୁରର ଗିରୀଶ ମହାପାତ୍ରଙ୍କ ଝିଅ ସୁମିତ୍ରା ସହ।

ବିବାହର ଦୁଇ ବର୍ଷ ପରେ ସୁମିତ୍ରାଙ୍କ କୋଳମଣ୍ଡନ କଲା ପୁତ୍ର ସନ୍ତାନଟିଏ। ନାଁ ତାର ରଖାଗଲା ଅଜୟ, ଡାକ ନାମ ଅଜୁ। ଅଜୁକୁ ଯେତେବେଳ ଛଅ ବର୍ଷ ବୟସ, ମାତା ସୁମିତ୍ରା ଦେବୀଙ୍କର ଗୋଟିଏ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଲା। ସୁମିତ୍ରାଙ୍କର ଏହି ଦାରୁଣ ଅକାଳ ବିୟୋଗରେ ମ୍ରିୟମାଣ ହୋଇ ପଡ଼ିଲେ ଭାସ୍କର ସାର୍। ବାପା ମାଆ, ସାଇ ପଡ଼ିଶା, ସାଙ୍ଗସାଥୀ ସମସ୍ତେ ଭାସ୍କରଙ୍କୁ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ କଲେ। ମାତ୍ର ଦ୍ୱିତୀୟ ପତ୍ନୀ ଆସିଲେ କାଳେ ତାଙ୍କ 'ଅଜୁ'କୁ ସ୍ନେହ ମମତା ଦେବନି ଏହି ଭୟରେ ସେ ବିବାହ କରି 'ଅଜୁ'ର ଜୀବନକୁ ସାବତ ମାଆ ହାତକୁ ଟେକି ଦେବାକୁ ଚାହୁଁ ନଥିଲେ। ପରିଶେଷରେ ଆତ୍ମୀୟସ୍ୱଜନଙ୍କ ହସ୍ତକ୍ଷେପରେ ବାଧ୍ୟ ହୋଇ ଦ୍ୱିତୀୟ ବିବାହ କଲେ। ଦ୍ୱିତୀୟ ପତ୍ନୀ ମମତାଙ୍କୁ ତାଙ୍କ ଘରେ ପାଦ ରଖିବା ଦିନଠୁ ହିଁ ଭାସ୍କର ସାର୍ ତାଗିଦ୍ କରି କହିଥିଲେ, "ତାଙ୍କର ପୁତ୍ର 'ଅଜୁ'କୁ ସ୍ନେହ ମମତା ଦେବାରେ ଯେପରି ଟିକିଏ ହେଲେ ଖିଲାପ କରିବେ ନାହିଁ। ସତକୁ ସତ ମମତା ଦେବୀ ବିବାହର ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ଅଜୁକୁ ଖୁବ୍ ସ୍ନେହ ଆଦର କରୁଥିଲେ। ମାତ୍ର ତାଙ୍କ କୋଳକୁ 'ବିଜୁ' ଆଉ 'ରାଜୁ' ଆସିବା ପରେ ପରେ ମମତା ଦେବୀଙ୍କର ଅଜୁ ପ୍ରତି ବ୍ୟବହାର ବଦଳିବାରେ ଲାଗିଲା। ଭାସ୍କର ସାର୍ ପ୍ରାୟ ପ୍ରତ୍ୟେକ ଦିନ ସ୍କୁଲରୁ ଫେରି ଏ ସବୁ ଧୀରେ ଧୀରେ ଲକ୍ଷ୍ୟ କଲେ। ଖୁବ୍ ମାନସିକ ଯନ୍ତ୍ରଣାରେ ପ୍ରତିଦିନ ପ୍ରତିରାତି ଛଟପଟ ହେବାକୁ ଲାଗିଲେ। ମମତାଙ୍କୁ ବୁଝେଇ ବୁଝେଇ ଥକିଗଲେ ବି ସେ କିଛି ବୁଝିଲେ ନାହିଁ। ଶେଷକୁ ଚିନ୍ତାର ବୋଝ ମାଡ଼ି ବସିଲା ଭାସ୍କରଙ୍କୁ। ନିଜକୁ ଏଥିପାଇଁ ଦାୟୀ ମନେକରି ଅପରାଧର ଗ୍ଲାନିରେ ଦିନକୁ ଦିନ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେ। ଦିନେ ଅପରାହ୍ନରେ ଭାସ୍କର ସାର୍ ହୃଦ୍‌ଘାତରେ ସବୁଦିନ ପାଇଁ ଆଖି ବୁଜିଲେ। ଭାସ୍କରଙ୍କ ପିତାମାତା ମଧ୍ୟ ଏହି ଅସହ୍ୟ ପୁତ୍ର ବିଚ୍ଛେଦ ଦୁଃଖରେ ଅଧୀର ହୋଇ ସଂସାରରୁ ବିଦାୟ ନେଲେ।

ଏବେ ଘରେ ମମତା ଦେବୀ, ବଡ଼ ପୁଅ ଅଜୁ ଏବଂ ସାନ ଦୁଇ ପୁଅ ବିଜୁ ଓ ରାଜୁ ସହ ରୁହନ୍ତି। ହେଲେ ଭାସ୍କର ସାର୍‌ଙ୍କ ଦେହାନ୍ତ ପରେ ଅଜୁ ପ୍ରତି ମମତା ଦେବୀଙ୍କ ଦୁର୍ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ତାଙ୍କ ମାମୁଁ ମାଇଁ ତାକୁ ପାଖକୁ ନେଇଗଲେ। ବି.ଟେକ୍ ପର୍ଯ୍ୟନ୍ତ ପଢ଼ାଇଲା ପରେ ଅଜୁ ଏବେ ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଯୋଗଦେଲା। ଠିକ୍ ସମୟରେ ଗୋଟିଏ ଯୋଗ୍ୟ ପାତ୍ରୀ ସହ ମାମୁଁ ଅଜୁର ବିବାହ ମଧ୍ୟ କରାଇଦେଲେ। ଅଜୁ ଏବେ ତା' ସ୍ତ୍ରୀ 'ଶ୍ୱେତା' ଓ ଝିଅ 'ଲିପି' ସହ ଏକ ଭଡ଼ାଘରେ ଭୁବନେଶ୍ୱରରେ ରୁହେ। ସେପାଖେ ମମତା ଦେବୀ ଦୁଇପୁଅଙ୍କୁ ଠିକ୍ ସମୟରେ ବିବାହ କରାଇଲେ। ଦୁଇ ପୁଅ ଦୁଇ ବୋହୂଙ୍କୁ ନେଇ ହସି ଉଠିଲା ତାଙ୍କ ଭଙ୍ଗା ଘରଟି ପୁଣି ଥରେ। ଖୁବ୍ କମ୍ ଦିନ ପାଇଁ ଦୁଇ ଭାଇ ଏକାଠି ରହିଲେ, ମାଆ ମଧ୍ୟ ସେମାନଙ୍କ ପାଖରେ ଥିଲେ। ମାତ୍ର ମାଆକୁ ଚଳାଇବା ପାଇଁ, ମାଆର ଭରଣପୋଷଣ ପାଇଁ ଦୁଇ ଭାଇଙ୍କ ଭିତରେ ଥିବା ମତାନ୍ତର ଶେଷକୁ ମନାନ୍ତରର ରୂପ ନେଲା। ଜୀବନରେ ବିଚାର ଭୁଲ ହୋଇଗଲେ, ନିଜ ତିଆରି ଜାଲରେ ନିଜକୁ ଛନ୍ଦି ହେବାକୁ ପଡ଼େ, ଅଥଳ ସମୁଦ୍ରରେ ଜାଲ ବିଛେଇ ମାଛ ମାରିବାର ଅଭିଜ୍ଞତା ଅଛି ନୋଳିଆର, କିନ୍ତୁ ବେଳେବେଳେ ସେଇ ଜାଲରେ ଛନ୍ଦି ହୋଇ ନୋଳିଆ ବି ପ୍ରାଣ ହରାଏ। ଘର ମଝିରେ ଏବେ ପାଚେରୀ ପଡ଼ିଲା। ଏଘର ସେଘର ଦଉଡ଼ୁ ଦଉଡ଼ୁ ଅଣନିଃଶ୍ୱାସୀ ହୋଇପଡ଼ିଲେ ମାଆ ମମତା ଦେବୀ। ଶେଷକୁ ଦୁଇ ପୁଅ, ଦୁଇ ବୋହୂଙ୍କୁ ପରିତ୍ୟାଗ କରି ସେ ବଡ଼ ପୁଅ ଅଜୁ ପାଖକୁ ବାଧ୍ୟ ହୋଇ ଚାଲିଗଲେ। ସାଙ୍ଗରେ ସବୁ ଜମିବାଡ଼ିର ଦଲିଲ୍, ପଟ୍ଟା, ପାଉତି ମଧ୍ୟ ନେବାକୁ ଭୁଲିଲେ ନାହିଁ। ଉଦ୍ଦେଶ୍ୟ ଥିଲା ସବୁ ସମ୍ପତ୍ତି ଅଜୁ ନାମରେ କରି ଦେବେ!! ଯଦିଓ ସେ 'ଅଜୁ' ପ୍ରତି, ଆସିବା ଦିନଠାରୁ ଆଜିଯାଏଁ ଦିନୁଟିଏ ମଧ୍ୟ ଭଲ ବ୍ୟବହାର କରିନାହାନ୍ତି, ତଥାପି ତାଙ୍କର ଆତ୍ମବିଶ୍ୱାସ ଥିଲା 'ମମତା ଦେବୀଙ୍କୁ' ତାଙ୍କ ବଡ଼ପୁଅ ଅଜୁ କେବେହେଲେ ହତାଦର କରିବ ନାହିଁ। ସତକୁ ସତ ମମତା ଦେବୀ, ବଡ଼ପୁଅ ଘର ପାଖରେ ପହଞ୍ଚିଯିବା ମାତ୍ରେ ବଡ଼ବୋହୂ ଶ୍ୱେତା ଏବଂ ନାତୁଣୀ ଲିପି ଧାଇଁ ଆସି ଅତି ଆନନ୍ଦରେ ସ୍ୱାଗତ କରିନେଇଥିଲେ ଘରକୁ। ଅଜୁର ଗୋଡ଼ ତଳେ ଲାଗିଲା ନାହିଁ ଖୁସିରେ। ସେବା ନିମନ୍ତେ କେବଳ ମନ ସ୍ୱଚ୍ଛ ଓ ଆବିଳତା ଶୂନ୍ୟ ହେବା ଆବଶ୍ୟକ।

ଅଜୁ ହାତକୁ ସବୁ ଜମିବାଡ଼ିର କାଗଜପତ୍ର ବଢ଼ାଇ ଦେବାମାତ୍ରେ ଅଜୁ ଖୁବ୍ ଦୁଃଖ ପ୍ରକାଶ କଲା ମାଆର ଅଭିପ୍ରାୟ ଜାଣି। ମାଆ ହାତରୁ ନିରୁତ୍ସାହିତ ଭାବରେ ତାହାକୁ ନେଇ ଟେବୁଲ୍ ଡ୍ରୟାର୍‌ରେ ରଖିଦେଲା। ମାଆର ଗୋଡ଼ ହାତ ଧୋଇ ଦେଇ ନିଜ ଗାମୁଛାରେ ପୋଛିଦେଲା। ଶ୍ୱେତା ଖାଇବାକୁ ବାଢ଼ିଦେଲା ଅତି ଶ୍ରଦ୍ଧାରେ। ଚାରି / ପାଞ୍ଚ ଦିନ ପରେ କାଗଜପତ୍ରକୁ ନିଜର ଏକ ଫାଇଲ୍‌ରେ ରଖି ଅଜୁ ଗାଁରେ ରହୁଥିବା ଦୁଇ ଭାଇଙ୍କ ପାଖକୁ ଚାଲିଲା। ବଡ଼ ଭାଇକୁ ଫାଇଲ୍ ଧରି ତାଙ୍କ ଆଡ଼କୁ ଆସୁଥିବାର ଦେଖି, ସାନ ଦୁଇ ଭାଇଙ୍କର ହୃଦ୍‌ବୋଧ ହେଲା ଯେ ସେମାନଙ୍କଠାରୁ ସବୁ ଜମିବାଡ଼ି ଛଡ଼େଇ ନେବାପାଇଁ ମା'କୁ ପାଖରେ ରଖିବାର ଏକ ବାହାନା ମାତ୍ର କରିଛନ୍ତି, ବଡ଼ଭାଇ। ଯେଉଁଠି ମନରେ ପ୍ରଶ୍ନବାଚୀ, ସେଠି ପାଦ ଧୀର। ଲାଗୁଥାଏ ପାଦ ଆଗକୁ ଯାଉଥିଲା ଭଳି, କିନ୍ତୁ ପାଦ ପଛକୁ ଯାଉଥାଏ।

ଦୁଇଭାଇ ଘରର ଦାଣ୍ଡ ବାରଣ୍ଡାକୁ ଆସି ବଡ଼ଭାଇକୁ ଯାହା ମନକୁ ଆସିଲା କହି ଶୋଧିବାକୁ ଲାଗିଲେ। ମାତ୍ର ଅନ୍ୟକୁ କାବୁ କରିବାର ପ୍ରକୃତ ଶକ୍ତି ଥାଏ ସ୍ନେହରେ, ଏକଥା ଅଜୁକୁ ବେଶ୍ ଭଲ ଭାବରେ ଜଣାଥାଏ।

ଏକ ବଡ଼ଭାଇର କର୍ତ୍ତବ୍ୟ କରିବାକୁ ଯାଇ ଅଜୁ ସମସ୍ତ କାଗଜପତ୍ର ଦୁଇ ଭାଇଙ୍କ ହାତକୁ ବଢ଼େଇ ଦେଇ କହିଲେ, "ଆଦରର ଦୁଇ ଭାଇ ମୋର, ଆଉ କୌଣସି ଧନସମ୍ପତ୍ତିରେ ମୋର ଏବେ ପ୍ରୟୋଜନ ନାହିଁ। ସ୍ୱର୍ଗଠାରୁ ବଡ଼ ଦିବ୍ୟଜନନୀ ମାଆଙ୍କୁ ପାଇଗଲା ପରେ ଏ ତୁଚ୍ଛ ଜମିବାଡ଼ି ବା ମୋର କ'ଣ ହେବ? ତୁମ୍ଭେମାନେ କାଳେ ସଂଶୟରେ ଥିବ, "ମାଆ ମୋ ନାଁରେ ସବୁ ଉଇଲ୍ କରିଦେଲା କି!! ଏଥିପାଇଁ ମୁଁ ତୁମ ଦୁହିଁଙ୍କର ସମସ୍ତ ସଂଶୟ ଦୂରକରି ଜଣାଇବାକୁ ଚାହେଁ କି ମୁଁ ମାଆକୁ ବୁଝାଇ ଦେବାରୁ ମାଆ ଶେଷରେ ସବୁ ଜମିବାଡ଼ି ତୁମ ଦୁଇଭାଇଙ୍କ ନାଁରେ ଉଇଲ୍ କରିଦେଇଛି, ଆଉ ସେ ଜମିବାଡ଼ିରେ ମୋର କିଛି ବି ଅଧିକାର ନାହିଁ, ଏକଥା ମଧ୍ୟ ଲେଖିଦେଇ ମୁଁ ଦସ୍ତଖତ ଦେଇ ସାରିଛି। ଏବେ ତୁମେ ଦୁଇଭାଇ ଜମିବାଡ଼ିର ସମସ୍ତ କାଗଜପତ୍ର ସହ ଏହି ଉଇଲ୍ ପେପର୍‌କୁ ନେଇ ଯତ୍ନରେ ରଖ। ଆଉ ମାଆକୁ କିମ୍ବା ମୋତେ ସନ୍ଦେହ କରନାହିଁ। ଶେଷକୁ ଦୁଇ ଭାଇଙ୍କୁ ଗୋଟିଏ ଅନୁରୋଧ, ତୁମ ଦୁହିଁଙ୍କ ପାଖରୁ ଗଲା ଦିନଠାରୁ ମାଆ ଆଖିରୁ ସବୁଦିନ ଲୁହ ଝରୁଛି। ଏ ଲୁହ ଆମ ସମସ୍ତଙ୍କ ପାଇଁ କ୍ଷତିକାରକ। ତେଣୁ ଥରୁଟିଏ ପାଇଁ ମୋ ଘରକୁ ଆସ, ମାଆର ପାଦ ଛୁଇଁ କ୍ଷମା ମାଗିବ, ଆଉ କେବେହେଲେ ମାଆ ମନରେ କଷ୍ଟ ଦେବନାହିଁ ବୋଲି ଶପଥ କରିବ। ଯାହାଫଳରେ ମାଆ ଆମର ଭାଙ୍ଗି ନ ପଡ଼ି ଆଉ କିଛି ବର୍ଷ ବଞ୍ଚିଯିବା ପାଇଁ ବଳ ପାଇଯିବ। ବାସ୍ ତା'ପରେ ଆମେ ତିନିଭାଇ ମିଶି ଭୋଜନ କରିବା।"

ବଡ଼ଭାଇ ଅଜୁ ଏ କଥା କହି ଦୁଇ ଭାଇଙ୍କ ହାତକୁ ଫାଇଲ୍‌ଟି ବଢ଼ାଇଦେଲା ବେଳେ ଦୁଇଭାଇ ବିଜୁ ଓ ରାଜୁଙ୍କ ମୁହଁ ଲଜ୍ଜାରେ କଳା ପଡ଼ିଗଲା। ଅନୁତାପରେ ମୁଣ୍ଡ ନଇଁଗଲା। ପ୍ରେମ ବଦଳରେ ପ୍ରେମ ଦିଆଯାଏ, ବସ୍ତୁ କିମ୍ବା ବିଭବ ନୁହେଁ, ଏକଥା ଦୁହେଁଯାକ ହୃଦୟଙ୍ଗମ କଲେ। ରାମ ଭଳି ଭାଇକୁ ସେମାନେ କେତେ ହୀନ ଦୃଷ୍ଟିରେ ଦେଖିଥିଲେ ଆଉ ସନ୍ଦେହ କରୁଥିଲେ, ଏକଥା ଭାବି ସେମାନଙ୍କ ଆଖି ସଜଳ ହୋଇଆସିଲା, କଣ୍ଠ ବାଷ୍ପରୁଦ୍ଧ ହେଲା। ଦୁଇ ଭାଇଯାକ ଏକାସଙ୍ଗେ ବଡ଼ଭାଇ ଅଜୁର ପାଦ ଛୁଇଁ କରିଥିବା ଭୁଲ୍ ପାଇଁ ପ୍ରାୟଶ୍ଚିତ କଲେ, କ୍ଷମା ମାଗିଲେ। ପ୍ରକୃତରେ ବାଧାବିଘ୍ନ ହିଁ ମଣିଷକୁ ବଡ଼ କରିଥାଏ, ସୁବିଧା, ସୁଯୋଗ ନୁହେଁ।

ଏବେ ତିନିଭାଇ ମାଆ ମମତା ଦେବୀଙ୍କ ସହ ମିଳିମିଶି ଗାଁରେ ସେହି ଗୋଟିଏ ଘରେ ଗୋଟିଏ ଛାତ ତଳେ ରହୁଛନ୍ତି। ସମସ୍ତଙ୍କର ମନ ଏଣିକି ଗଙ୍ଗା ପରି ନିର୍ମଳ, ପବିତ୍ର। ସାରା ଘରଟିରେ ଶାନ୍ତି, ସୁଖର ଲହରୀ ଖେଳୁଛି।

# ଆର୍ଯ୍ୟା ହସ୍ପିଟାଲର ଶୁଭ ଉଦ୍‌ଘାଟନ



ବାସୁଦେବପୁର,(ପି.ଏନ): ସ୍ଥାନୀୟ ଏମ ଏଲ ଏ କଲୋନୀରେ ଆର୍ଯ୍ୟା ହସ୍ପିଟାଲ ଓ ନର୍ସିଂ ହୋମର ଶୁଭ ଉଦ୍ ଘାଟନ ହୋଇ ଯାଇଛି। ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତ ରାୟ ଓ ସି ଡି ଏମ ଓ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ପୌର ଅଧକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ୍ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟ ଅସିତ୍ କୁମାର ଦାସ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଥିଲା। ବାସୁଦେବପୁର ଅଞ୍ଚଳ ରେ ଏହି ହସ୍ପିଟାଲ ଖୋଲିବା ଦ୍ୱାରା ରୋଗୀ ମାନେ ଉପକୃତ ହୋଇ ପାରିବେ। ବିଭିନ୍ନ ବିଭାଗ ରେ ଅନେକ ଜଣା ଶୁଣା ଡାକ୍ତର ମାନେ ଯୋଗ ଦେବେ ବୋଲି ସୂଚ଼ନା ମିଳିଛି।

# ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ । ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ । ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି । ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛଂି ବୋଲି ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛଂି । ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛଂି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛଂି । ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ତୁର' ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି । ଏହି ଅଞ୍ଚଳ ବୁଲିବା ବେଳେ ଶ୍ରୀ ସେନାପତିଙ୍କ ସହିତ ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ପୂର୍ବତନ ବ୍ଲକ୍ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ମୀନକେତନ ଯତୀ ତଥା ଉକ୍ତ ଅଞ୍ଚଳର ଶେକ ୟୁସୁଫ ଅଲ୍ଲୀ, ଶେକ ପରଭେଜ, ଇମତିଆଜ ଖାନ, ଏମ୍‌ଡି ସଲାଉଦ୍ଦିନ, ବିଜୟ ସାହୁ, ପ୍ରତାପ ସାହୁ, ଏସ୍.ଚୌଧୁରୀ ପ୍ରମୁଖ ସମଗ୍ର ଅଞ୍ଚଳର ବୁଲି ଦେଖିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

ପର୍ଯ୍ୟବେକ୍ଷକ PARYABEKHYAK 

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୧୪

# ଆମର ଗାଈ ବିକ୍ରୀ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୋର ପିଲାବେଳ ହୁଏତ ୪-୫ ବର୍ଷ ହୋଇଥାଏ। ଆମର ସେତେବେଳେ ଗାଈ ବାଛୁରୀ ଘରେ ନଥାନ୍ତି ମୋର ବୋଉ ମାର୍ଗଶୀର ଗୁରୁବାର ଗୋବରରେ ମାଟିଘରର ପିଣ୍ଡା ଘର ଭିତର ଲିପିବ ବୋଲି ପଡ଼ିଶା ଘରର ପଦାରେ ବନ୍ଧା ହେଉଥିବା ଗାଈ ବାଛୁରୀଙ୍କ ଗୋବର ଲେଣ୍ଡାଏ କାହାକୁ ନ ଜଣାଇ ନେଇ ଆସିଥିଲା। ଯଦି ସେ ଘରର ଲୋକେ ଗୋବର ଆଣିବା ବେଳେ ସମସ୍ତେ ଦେଖିଥିଲେ ମାତ୍ର କଣ ହେଲା କେଜାଣି ଏ ରୋଲ ପଛେ ପଛେ ଗାଈର ମାଲିକାଣୀ ଉଠାଇଲେ ମାର୍ଗଶୀର ମାସରେ ଗାଈର ଗୋବର କିଏ ନେଲା। ଏମିତି ଆୱାଜ ସ୍ୱର ଉଠାଇ ବହୁ ଗାଳି ଗୁଲଜ ବାପା ମାଆ ଜାତି ନାଁ ଲଗାଇ କହିବାକୁ ଲାଗିଲେ। ଦୈବକୁ ସେଦିନ ମୋର ବୋଉର ବାପା ମୋର ଅଜା ଆମ ଘରକୁ ପୂର୍ବ ଦିନ ରାତ୍ରୀରେ ଆସିଥିଲେ ସେ ପାଖ ପଡ଼ୋଶୀ ସ୍ତ୍ରୀ ଲୋକ ଉଚ୍ଚସ୍ୱର ଗାଳି ଦେବା ଶୁଣି ତାଙ୍କୁ ବୁଝାଇବାକୁ ପୂର୍ବ ସମ୍ବନ୍ଧ ଭିତ୍ତିରେ ଚେଷ୍ଟା କଲେ ମାତ୍ର ସେ ସ୍ତ୍ରୀଲୋକ କୌଣସି ଅନୁରୋଧ ଶୁଣିବାକୁ ପ୍ରସ୍ତୁତ ନଥିଲେ। ଆମର ତାଙ୍କର ସୂର୍ଯ୍ୟବନ୍ଧୁ ପୁଣି ପଡ଼ୋଶୀ ଏ ପ୍ରକାର କଠୋର ବାକ୍ୟ ମୋର ଅଜାଙ୍କୁ ବିବ୍ରତ କରିଥିଲା। ସେ ସାଥି ସାଥି ତାଙ୍କର ଗାମୁଛା ଚାଦର ବଙ୍କାବାଡ଼ି ଧରି ତାଙ୍କ ଗାଁ ଆଡ଼କୁ ଚାଲିଲେ। ମୋର ବୋଉ ବାପାଙ୍କର ବାରଣ ମାନିଲେ ନାହିଁ।

ତାପରେ ଦିନ ଅପରାହ୍ନରେ ଏକ ସୁନ୍ଦର ଗାଈ ଓ ଭଲ କୌତୁକିଆ ବାଛୁରୀଟିଏ ଓ ଆଉ ଦୁଇ ଜଣ ମୂଳିଆ ଗୋପାଳଙ୍କ ସହିତ ଆମ ଘରେ ପହଞ୍ଚି ସାଥି ସାଥି ଗାଈ ବାଛୁରୀ ପାଇଁ ବାଡ଼ିରେ ବନ୍ଧା ହେବା ସ୍ଥାନ ସ୍ଥିର କରି ଖୁଣ୍ଟ ପୋତାଇ ଗାଇକୁ ବାନ୍ଧି ଦେଲେ ଓ କୁଟାନଡ଼ା କୁଣ୍ଡା କିଣିବାକୁ ପଇସା ଲୋକଙ୍କ ହାତରେ ଦେଇ ଏକ ମାଟି କୁଣ୍ଡ ଗାଈ ପିଇବା ପାଇଁ କ୍ରୟ କରି ଆଣିଲେ। ରାତ୍ରୀ ରାତ୍ରୀ ବାରିରେ ଯାଗା ସ୍ଥିର ହେଲା ପରଦିନ ବଢ଼େଇ ମିସ୍ତ୍ରୀ ମୂଳିଆ ଆସି ଗୁହାଳ ପ୍ରସ୍ତୁତି ହେଲା। ସେ ଗାଈ ଦୋହନ ପାଇଁ ଗୋପାଳ ଜଣେ ମୋ ବୋଉକୁ ତାଲିମ କରି ଦେଲେ ଗାଈଟି ବି ଶାନ୍ତ ଥିଲା। ତତ୍କାଳ ୨/୩ସେର କ୍ଷୀର ଦେଉଥିଲା। ବାସ ମୋର ଖାଦ୍ୟ ପାନୀୟରେ ସେ ଗାଈ ମୋର ପିଲାର ଏକ ଅନ୍ନପୂର୍ଣ୍ଣା ହୋଇଯାଇଥିଲା। ଆମ ମୂଳ ଗାଈ ସୋମବାରରେ କ୍ରୟ ହୋଇଥିଲା ବୋଲି ତାର ମୂଳ ମାଲିକ ତାର ନାମ ସୋମବାରୀ ରଖିଥିଲେ ତାର ବାଛୁରୀ ଗୁରୁବାର ଜନ୍ମ ବୋଲି ତାର ନାମ ଗୁରୁବାରୀ ରଖାଗଲା। ଏହି ଗାଈଙ୍କର ବଂଶ ବୃଦ୍ଧି ୧୦ ବର୍ଷ ମଧ୍ୟରେ ହୋଇଛି ୭/୮ଟି କିନ୍ତୁ ଆମର ସ୍ଥାନ ଖାଦ୍ୟ ପେୟାଦିର ସମ୍ବଳକୁ ମୋର ବୋଉ ବାପାଙ୍କୁ ରକ୍ଷଣା ବେକ୍ଷଣା ସମୟ ନଥିଲା, ବାଛୁରୀମାନେ କ୍ଷୀର ଛାଡ଼ିଲେ ତାକୁ ଅଧିଆ ଦିଆଯାଉଥିଲା। ହେଲେ ପୁଣି କେତେ ବର୍ଷ ପରେ ଏକ ପ୍ରକାର ଅଚଳ ସମସ୍ୟା ଆରମ୍ଭ ହେଲା। ମୂଳ ଗାଈ ସମ୍ବାରି ବୁଢ଼ୀ ହୋଇଗଲା ହେଲେ ତାର ବର୍ଷକୁ ଛଆ ଦେବା ବନ୍ଦ ହୋଇନଥାଏ କି କ୍ଷୀର ଦେବା ବନ୍ଦ ହୋଇନଥାଏ। ଜଣେ ଗୋପାଳ ଆମ ଘରକୁ ଆସିଥିଲେ ସେ ଏପରି ଏକ କୁଦୃଷ୍ଟିର ଲୋକ ଥିଲେ ଗାଈଟିକୁ ଖୁଣି ନଜର କରିଦେଲେ ତାପରେ ଗାଈ କ୍ଷୀର ଦେଲାନାହିଁ। ନାତ ମାରିଲା ତାର ପଦ୍ମାଘରା ଖସିଲା ବାପା ବହୁ ଚିକିତ୍ସା କଲେ ଶେଷରେ ନିରୁପାୟ ହୋଇ ଦୂର ଗ୍ରାମର ଏକ ଗୋପାଳକୁ ଏହି ଗାଈଟି ନାମ ମାତ୍ର ମୂଲ୍ୟରେ ବିକ୍ରୟ କରିଦେଲେ। ଏଇ ଗାଈଟି ବିକ୍ରୟ ଦିନ ମୋ ବୋଉ କେତେ କାନ୍ଦିଛି ଓ ଗାଈଟି ମୋତେ ଛାଡ଼ି ଯାଉଛି ବୋଲି କେତେ ଲୁହ ଝରାଇଛି ମୁଁ ମନା କରିପାରିବା ଓ ସେବା କରିବା ଆଦି ସ୍ତରକୁ ସେତେବେଳେ ଆସିଛି ମୁଁ ବି କାନ୍ଦିଛି ବହୁ କଷ୍ଟରେ ଗାଈଟିକୁ ତାର ତତ୍କାଳ ଅଧିକାରୀ ଗୋପାଳ ଟାଣି ଟାଣି ଆମ ଘର ବାରିରୁ ନେଉଛି। ଏ ମଧ୍ୟରେ ଅନେକ ଦିନ ଯାଇଛି ଦିନେ ମୁଁ ଏକ ବିଲରାସ୍ତାରେ ଖରାଦିନେ ମାମୁଁ ଘରକୁ ହିଡ଼ରାସ୍ତାରେ ଏକ ବଡ଼ ଚକ ଜମିରେ ବଙ୍କେଇ କରି ଯାଉଥିଲି। ସେତେବେଳେ ପୂର୍ବ ବିକ୍ରୟ ହୋଇଥିବା ଗାଈଟି ଚରୁଥିଲା ମୁଁ ଦାକୁ ଦୋ ଦୋ ଚିହ୍ନା ହୋଇ ମା ସମ୍ବାଲୀ ଡାକଟାଏ ଛାଡ଼ିଲି ବାସ ସେ ମୋତେ ଥରେ ମୁଣ୍ଡ ଉଠାଇ ଚାହିଁଲା ତାପରେ ମୋ ପାଖକୁ ତାର ଚରାଭୂଇଁ ଛାଡ଼ି ଗାଈଆଳର କଥା ନମାନି ଭିଡ଼ି ଆସିଲା ମୁଁ ତାକୁ ଆଉଁସି ପକାଇଲି ସେ ଠକ ଠକ ହୋଇ ଆଖିରୁ ଲୁହ ଝରାଇ ପକାଇଲା ଏକ କଣ୍ଟା ଶରୀରକୁ ତାର ଶରୀରରେ ଅନେକ କ୍ଷତ ପୁଣି ତାର ତତ୍କାଳ ଜଗୁଆଳ ଅଶ୍ଳୀଳ କଥା କହି ତାକୁ ପାଞ୍ଚଣରେ ପିଟି ତାକୁ ମୋ ଠାରୁ ଛଡ଼ାଇ ନେବାକୁ ଉଦ୍ୟମ କରୁଛି ହଠାତ ଗାଈଟି ସେଠାରେ ପଡ଼ି ପ୍ରାଣ ହରାଇଦେଲା ଏଇ ଦେଖା ପାଇଁ ହୁଏତ ସେ ରହିଥିଲା। ମୋତେ ସେ କେତେ ଭଲପାଏ ମୁଁ ତାକୁ ଭଲ କେତେ ପାଉଥିଲି ସେ ଦିନର ସ୍ମୃତି ମୋର ଏବେ ବି ମନେଅଛି। ମୁଁ ଆବାକ ନିରୁପାୟ ସେ ଦିନ ଥିଲି ଆଉ ବି ଅଛି। ମୋର କଣ ଅନେକଙ୍କର ଜୀବନରେ ଏମିତି ଘଟଣା ଘଟିଥାଇପାରେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, *ଅରୁଣୋଦୟ ମାର୍କେଟ,*
*କଟକ*

# ପୋଥି ବାଇଗଣ-ବାଡ଼ି ବାଇଗଣ


ଗଙ୍ଗାଧର ସାମଲ

ଓଡ଼ିଶାର ବିକାଶ ଆକାଶଛୁଆଁ ହୋଇଯାଇଛି। କେଉଁଠି ଅଭାବ ଅସୁବିଧା ଆଉ ନାହିଁ। ରାତି ପାହିଲେ ଖବର କାଗଜରେ ସରକାରଙ୍କ ପ୍ରଦତ୍ତ ଯେତିକ ବିଜ୍ଞାପନ ସୂଚନା ସବୁ ପ୍ରକାଶ ହେଉଛି ଏହାକୁ ଦେଖିଲେ ଯେ କେହି ଜଣେ କହିବ ଯେ ସତରେ ଏ ରାଜ୍ୟ ବିକାଶରେ ବହୁତ ଆଗେଇ ଯାଇଛି। ଏପଟେ ଆଉ ଗୋଟେ ବିରାଟ ବ୍ୟତିକ୍ରମ ଦେଖନ୍ତୁ। ପାଠପଢ଼ା କ୍ଷେତ୍ରରେ କୁହାଯାଏ, ପୋଥି ବାଇଗଣ ଓ ବାଡ଼ି ବାଇଗଣ। ଗୋଟିଏ ହେଉଛି ପୋଥିଗତ ବିଦ୍ୟାରୁ ଜ୍ଞାନ ଓ ଅନ୍ୟଟି ହେଉଛି ଅନୁଭୂତି ସମ୍ପନ୍ନ ଜ୍ଞାନ। ଆଜିକା ସମୟର ପିଲାମାନଙ୍କୁ ଦେଖନ୍ତୁ। ହାତ ପାହାନ୍ତାରେ ମୋବାଇଲ ଫୋନ ଯେଉଁଥିରେ ଏ ବିଶ୍ୱ ବ୍ରହ୍ମାଣ୍ଡର ଯେତିକ ଖବର-ଅଖବର-ବେଖବର ସବୁ ଉପଲବ୍ଧ। ତେଣୁ ଓଳିଆରୁ ଗଜାପରି ସହଯେ ତ ପିଲାମାନେ ହେତୁ ପାଇଲା ବେଳକୁ ବାପା-ମାଆ ସେମାନଙ୍କୁ ମୋବାଇଲ ଫୋନ ଧରାଇ ଦେଉଛନ୍ତି ଯାହାଦ୍ୱାରା ପିଲାମାନେ ବାସ୍ତବରେ ଅନେକ କଥା ଜାଣି ପାରୁନାହାଁନ୍ତି। ଟିକିଏ ପଛକୁ ଫେରିଲେ ଆମ ସମୟର କଥା ମନେପଡ଼ିଯାଉଛି। କଥା ବେଶୀ ଦିନର ବି ନୁହେଁ। ଅଶୀ-ନବେ ଦଶକର କଥା। ସେ ସମୟରେ ସମ୍ପର୍କ, ପାଠପଢ଼ା ଓ ଏ ଦୁନିଆ ଯାହା ଥିଲା ବର୍ତ୍ତମାନ ସମ୍ପୂର୍ଣ୍ଣ ଅଲଗା। କରୋନା ମହାମାରୀକୁ ଆମ ସମୟର ସବୁଠାରୁ ଅଭୁଲା ଦୁର୍ଭାଗ୍ୟ ମୁହୂର୍ତ୍ତ କୁହାଯାଇପାରିବ। ଛାଡ଼ନ୍ତୁ ସେ କଥା। ଆଜିର ବାସ୍ତବ ଆଲୋଚନାକୁ ଟିକିଏ ଆସିବା। ବର୍ତ୍ତମାନ ସମୟରେ ପିଲାମାନଙ୍କୁ ଆପଣ ଗାଁର ଗୋଟିଏ କଥା କହିଲେ ସେମାନେ ତତ୍‌କ୍ଷଣାତ ତାଙ୍କ ମୋବାଇଲ ଫୋନର ସାହାରା ନେବେ। କେବଳ ସେତିକି ନୁହେଁ ଆଜିର ଅଧିକାଂଶ ସହରୀ ପିଲାଏ ଦିଗବଳୟ ଯିଏ ଦେଖିନଥିବେ, ଏକଥା ଜୋର କରି କହିହେବ। କେବଳ ପଢ଼ିଥିବେ ବହିରେ। ମାଟି ଆଉ ଆକାଶ ଯେଉଁଠି ମିଶେ ତାକୁ ଦିଗବଳୟ କୁହାଯାଏ। ଦିଗବଳୟ କୋଳରୁ ସୂର୍ଯ୍ୟ ମୁହଁ କାଢ଼ନ୍ତି ଆଉ ଅସ୍ତବେଳେ ମୁହଁ ଲୁଚାନ୍ତି। ଏ ଦୃଶ୍ୟ ସହରରରେ ଦେଖିବା ମୁସ୍କିଲ। ପିଲାଏ ସେମାନଙ୍କ ପଢ଼ା ବହିରେ ଯେଉଁସବୁ କଥା ପଢୁଛନ୍ତି, ତାକୁ ବାସ୍ତବରେ ଦେଖିପାରୁନାହାଁନ୍ତି କି ଅନୁଭବ କରିପାରୁନାହାଁନ୍ତି। କେବଳ ବିଜ୍ଞାନଗାରରେ ପ୍ରାକ୍ଟିକାଲ ପାଇଁ ଯେତିକି ଦରକାର, ସେତିକିରେ ପାଠ ଶେଷ। ଯୌଥ ପରିବାର କ'ଣ? ଏକାନ୍ନବର୍ତ୍ତୀ ପରିବାର କ'ଣ? ଏସବୁ ସାମାଜିକ ବିଜ୍ଞାନ ବହିରେ ପିଲାଏ ପଢ଼ନ୍ତି। ପ୍ରତ୍ୟେକ୍ଷ ଅନୁଭୂତି ନଥିବ କାହାରି। ସେମାନେ ବାପା-ମାଆଙ୍କ ସହିତ ଛୋଟ ପରିବାରରେ ରହୁଛନ୍ତି। ଜେଜେ, ଜେଜେମା, ମଧ୍ୟ ପାଖରେ ନାହାନ୍ତି। ତେଣୁ ବଡ଼ବାପା-ବଡ଼ମା, ଦାଦା-ଖୁଡ଼ି, ଜେଜେ-ଜେଜେମା ଏମାନଙ୍କୁ ନେଇ ଯେଉଁ ପରିବାର ଥିଲା ଦିନେ ଏବଂ ଗୋଟିଏ ହାଣ୍ଡିରେ ସମସ୍ତଙ୍କ ପାଇଁ ଭାତ ରନ୍ଧା ହେଉଥିଲା, ସମସ୍ତେ ଏକାଠି ଖାଉଥିଲେ ସେ ସବୁ ଇତିହାସ ପାଲଟିଗଲାଣି କିମ୍ୱା ନମୁନା ହିସାବରେ ରହିଛି କେଉଁଠି କେମିତି। ଏହି କାରଣରୁ ଦାଦା କିଏ, ଖୁଡ଼ି କିଏ, ବଡ଼ବାପା-ବଡ଼ମା କିଏ ଆଜିର ପିଲାଏ ଜାଣୁ ନାହାନ୍ତି। ଇଂରାଜୀରେ ତ ସମସ୍ତେ ହେଲେ ଅଙ୍କଲ ଆଉ ଆଣ୍ଟି।

ହଁ, ଏତେ କଥା କହିବାର ଉଦ୍ଦେଶ୍ୟ ହେଲା କୃଷି କଲେଜର ବିଦ୍ୟାର୍ଥୀଙ୍କ ପାଇଁ କୁଆଡ଼େ ପଢ଼ିବା ପାଇଁ ଜମିର ଅଭାବ ଦେଖାଦେଇଛି। ଯଦି କୃଷି କଲେଜର ବିଦ୍ୟାର୍ଥୀମାନେ କ୍ଷେତ ନଦେଖିବେ, ଚାଷ ବିଷୟରେ ଜାଣିବେ କେମିତି? ଅନଲାଇନରେ ସିନା ପାଠପଢ଼ିବେ - ଅନଲାଇନରେ କ'ଣ ଫସଲ ଫଳେଇହେବ? ଏହି କାରଣରୁ ହିଁ ଆମ ରାଜ୍ୟରେ ଆଜି ଆଳୁ ପିଆଜର ଅଭାବ। ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ସୂଚନାନୁଯାୟୀ ୧୯୬୨ ମସିହାରେ ଦେଶର ଦ୍ୱିତୀୟ ସର୍ବପୁରାତନ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ୫୯୯.୩୪ ଏକର ଜମି ଉପରେ ଗଢ଼ି ଉଠିଥିଲା। ମାତ୍ର ଆଜି ଏହା ସଙ୍କୁଚିତ ହୋଇ ୨୦୩ ଏକରରେ ପହଞ୍ଚିଛି। ଓୟୁଏଟିର ଏହି ଜମି ଅଭାବ ପାଇଁ ରାଜ୍ୟର ଚାଷୀଙ୍କ ପାଇଁ ନୂଆ ନୂଆ ବିହନର ବିକାଶ ଓ ଗବେଷଣା କରାଯାଇପାରୁନାହିଁ। ବିଦ୍ୟାର୍ଥୀଙ୍କ ପ୍ରାକ୍ଟିକାଲ ପାଠ ସର୍ବାଧିକ ପ୍ରଭାବିତ ହେଉଛି। ଏ ବାବଦରେ ବିଦ୍ୟାର୍ଥୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଜମି ଅଭାବ ପାଇଁ ଅନେକ ଫସଲ ଚାଷ ବନ୍ଦ ହୋଇସାରିଛି। ଉଦାହରଣ ସ୍ୱରୂପ ପୂର୍ବରୁ ଯେଉଁ କ୍ଷେତରେ ହରଡ଼ ଚାଷ ହେଉଥିଲା, ସେଠି କଂକ୍ରିଟ କୋଠା ମୁଣ୍ଡ ଟେକିଛି। ହରଡ଼ ଚାଷ ପାଇଁ ଡ୍ରିପ ଜମି ଦରକାର ହେଉଥିବାରୁ ପ୍ରାକ୍ଟିକାଲ ହୋଇପାରୁନି। ସୋରିଷ, ମକା, ଧାନ, ଚାଷ ଭଳି ଅନେକ ଚାଷର ପରୀକ୍ଷଣ ହୋଇପାରୁନି।

ପରିତାପର ବିଷୟ ହେଉଛି କୃଷି ଉପରେ ଯେଉଁମାନେ ପାଠ ପଢ଼ିବେ ସେମାନଙ୍କୁ ଯଦି କ୍ଷେତ ଯୋଗାଇ ନ ଦିଆଯିବ ଏବଂ ସେମାନେ କେବଳ ପୋଥିଗତ ବିଦ୍ୟା ହାସଲ କରିବେ କୃଷିର ଉନ୍ନତି କେମିତି ହେବ ଏକଥା ବେଶ ଜଣାଯାଉଛି। ନିର୍ମାଣ କ୍ଷେତ୍ରର ଇଞ୍ଜିନିୟରମାନେ ଯଦି ନିର୍ମାଣ କ୍ଷେତ୍ରକୁ ନଯାଇ କେବଳ ଶୀତତାପ ନିୟନ୍ତ୍ରିତ ଅଫିସରେ ବସି ଫାଇଲ ଚାଷ କରିବେ ତାହାହେଲେ ପୋଲ ଭୁଶିଡ଼ିବା ଏବଂ କାମ ଶେଷ ନହେଉଣୁ ରାସ୍ତା ଫାଟି ଆଁ କରିବା ଭଳି ଖବର ଯେ ପ୍ରକାଶ ପାଉଥିବ - ଏଥିରେ ସନ୍ଦେହ ନାହିଁ। ଯେନତେନ ପ୍ରକାରର ଆଜିକାଲି ବଜାରରେ ମିଳୁଥିବା କୌଣସି ଡିଗ୍ରୀ ସାର୍ଟିଫିକେଟ ହାସଲ କରି ତଥାକଥିତ ପୋଥିଗତ ବିଦ୍ୟାରେ ଆଜିର ପିଲାମାନେ ଜୀବନର କେଉଁ ଉଦ୍ଦେଶ୍ୟକୁ ସାଧନ କରିପାରିବେ? ତେଣୁ ପିଲାମାନେ ସେମାନଙ୍କ ସହ ଅଭିଭାବକମାନେ ଭଲ ଭାବେ ଚିନ୍ତା କରନ୍ତୁ ସେମାନେ ବାସ୍ତବରେ ପିଲାମାନଙ୍କୁ କେଉଁ ପ୍ରକାର ଶିକ୍ଷା ଦେଇ ସେମାନଙ୍କୁ ଗଢ଼ି ତୋଳିବାକୁ ଚାହୁଁଛନ୍ତି!!

# ଗ୍ରୀଷ୍ମରେ ଶରୀରଚର୍ଯ୍ୟା


ଗିରିଧାରୀ ସାମଲ

ଗ୍ରୀଷ୍ମ ଋତୁକୁ କେହି କେହି ଏକ ବିରକ୍ତିକର ସମୟ ବୋଲି ବିଚାର କରନ୍ତି। କିନ୍ତୁ ବାସ୍ତବରେ ଗ୍ରୀଷ୍ମଋତୁଟି ଅତି ସୁନ୍ଦର ଓ ମନୋରମ। ଏହାକୁ ଜଣେ ବ୍ୟବସ୍ଥିତ ଏକ ଭଲ ରୁଟିନ ବନ୍ଧା ସମୟଚର୍ଯ୍ୟା କାଢ଼ି ପାରିଲେ ଆନନ୍ଦ ଅନୁଭୂତ ହୋଇପାରିବ। ଭଗବାନଙ୍କ ସୃଷ୍ଟିରେ ଛଅ ଋତୁ ଭିତରେ ଗ୍ରୀଷ୍ମ ଋତୁ ହେଉଛି ଏକ ପ୍ରମୁଖ ଓ ବଡ଼ ଋତୁ। ତେଣୁ ଆସନ୍ତୁ ଏହି ଗ୍ରୀଷ୍ମ ଋତୁରେ ସର୍ବନିମ୍ନ ଜୀବନଚର୍ଯ୍ୟା ବିଷୟରେ ଏକ ଛୋଟିଆ ଆଲୋଚନା ରଖିବା।

ଶୋଷ ମେଣ୍ଟାଇବା ପାଇଁ ପାଣି ହିଁ ସବୁଠାରୁ ଭଲ। ଖରାଦିନେ ଥଣ୍ଡା ରହିବା ନିମନ୍ତେ ବାରମ୍ୱାର ପାଣି ପିଇବା ସବୁଠାରୁ ସହଜ ଉପାୟ। ଏହି ସମୟରେ ଦେହରୁ ବହୁତ ଝାଳ ବାହାରିଥାଏ ଏବଂ ଦେହରୁ ଜଳର ପରିମାଣ କମିଯାଏ। ଜଳୀୟଅଂଶକୁ ଠିକ୍ ରଖିବାକୁ ଶୋଷ ନଥିଲେ ମଧ୍ୟ ପ୍ରଚୁର ପାଣି ପିଅନ୍ତୁ। ଦେଖିବେ କେତେ ସତେଜ ଲାଗିବ। ଦିନକୁ ଅତିକମ୍‌ରେ ୧୫ ଗ୍ଲାସ ପାଣି ପିଅନ୍ତୁ।

ଖରାଦିନେ ଚା', କଫି, ସିଗାରେଟ୍ ଓ ମଦଠୁ ଯଥାସମ୍ଭବ ଦୂରରେ ରହନ୍ତୁ।

ମୃଦୁପାନୀୟ ବଦଳରେ ପଇଡ଼ ପିଅନ୍ତୁ। ମୃଦୁ ପାନୀୟକୁ ସଂରକ୍ଷିତ ରଖିବାଲାଗି ସେଥିରେ ନାନା ପ୍ରକାରର କେମିକାଲ୍ ଓ ରଙ୍ଗ ମିଶାଯାଏ। କିଛି ପାନୀୟରେ ଚିନି ଅଂଶ ମଧ୍ୟ ଥାଏ। ଏସବୁ ଶରୀରରେ ଅମ୍ଳ ସୃଷ୍ଟି କରିବା ସହ ଅନେକ ପ୍ରକାର ରୋଗକୁ ଉତ୍ସାହିତ କରିଥାଏ।

ଅଧିକାଂଶ ମୃଦୁ ପାନୀୟରେ ଫସ୍‌ଫରିକ୍ ଏସିଡ୍ ଦ୍ରବୀଭୂତ ହୋଇ ରହିଥାଏ। ଏହା ଶରୀରରେ ହଜମ କରୁଥିବା ଯନ୍ତ୍ରର ଭିତର ସ୍ତରକୁ କ୍ରମଶଃ ଖରାପ କରିଦିଏ। ଫଳରେ ଏହାଦ୍ୱାରା ହଜମ ଶକ୍ତି ଦୁର୍ବଳ ହୋଇଯାଏ। ପୁଣି ମୃଦୁ ପାନୀୟ ଦେହରୁ ଖଣିଜ ଲବଣ ହ୍ରାସ କରିଦିଏ। ଫଳରେ ଏନ୍‌ଜାଇମ୍‌ର କାର୍ଯ୍ୟରେ ଅସୁବିଧା ହୋଇ ଖାଦ୍ୟ ହଜମ ହୁଏ ନାହିଁ। ଏହାଦ୍ୱାରା ମଧ୍ୟ ଦାନ୍ତର ଅନେକ ରୋଗ, କିଡ଼ନିରେ ଷ୍ଟୋନ୍ ଜମିବା ଏବଂ ଆଥ୍ରାଇଟିସ୍ ରୋଗ ହୋଇଥାଏ।

ଖରାଦିନେ ବାହାରୁ ଆସି ଆମେ ଅତି ଥଣ୍ଡା ପାନୀୟ ପିଇବାକୁ ଭଲପାଉ। କିନ୍ତୁ ଖରାଦିନେ ଅତିଥଣ୍ଡା ପାଣି ବା ସର୍ବତ୍ ପିଇବା ଶରୀର ପାଇଁ ଭଲ ନୁହେଁ। ବାହାର ଗରମରୁ ଆସି ସଙ୍ଗେ ସଙ୍ଗେ ଥଣ୍ଡା ପାଣି ପିଇଲେ ରକ୍ତରେ ଥିବା କୋସିକାଗୁଡ଼ିକ ସଂଙ୍କୁଚିତ ହୋଇଯାଏ।

ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା କ୍ଷତିକାରକ।

ଖରାଦିନେ ଅଳ୍ପ ତଥା ପୁଷ୍ଟିକର ଏବଂ ତୈଳମୁକ୍ତ ଖାଦ୍ୟ ଖାଇବା ହିତକର।

ଦେହକୁ ଗରମ କରୁଥିବା ପରିବା ଏବଂ ଫଳ ଯେପରି ବିଭିନ୍ନ ପ୍ରକାରର ଶାଗ, ମୂଳା, ଗୋଲମରିଚ, ପିଆଜ, ରସୁଣ, ବିଟ୍, ସପୁରି, ବାତାପିଲେମ୍ବୁ ଏବଂ ପାଚିଲା ଆମ୍ବ ଖାଆନ୍ତୁ ନାହିଁ। ଏହି ଋତୁରେ ଅବଶ୍ୟ ପ୍ରଚୁର ଆମ୍ବ ମିଳେ। ତେଣୁ ଯଦି ଆମ୍ବ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ଆମ୍ବକୁ ସାରା ରାତି ପାଣିରେ ଭିଜାଇ ରଖନ୍ତୁ ଏବଂ ସକାଳୁ ଖାଆନ୍ତୁ।

ଶୁଖିଲା ଫଳ ବଦଳରେ ତାଜା ଫଳ ଏବଂ ପରିବା ଖାଇଲେ ଏହି ସମୟରେ ଦେହ ଭଲ ରହିଥାଏ।

ଖରାଦିନେ ଆପଣ ପାଣିରେ ତୁଳସୀ ପତ୍ର ବା ମଂଜି ପକାଇ ପରେ ତାକୁ ଛାଣି ପିଅନ୍ତୁ। ଏହା ଶରୀରକୁ ଥଣ୍ଡା ରଖିବା ସହ ମନକୁ ବି ତାଜା ରଖିବ।

ଖରାଦିନରେ ପିଉଥିବା ଜୁସ୍‌ରେ କମ୍ ଚିନି ଏବଂ ଅଧିକ ଫଳ ପକାନ୍ତୁ।

ସାଲାଡ୍ ନିୟମିତ ଖାଆନ୍ତୁ।

ଖରାଦିନେ ଲେମ୍ବୁପାଣି, ପଇଡ଼ ପାଣି, ଲହୁଣି ମିଶ୍ରିତ କ୍ଷୀର ପିଅନ୍ତୁ।

ଏହି ଋତୁରେ ଶର୍କରା ଜାତୀୟ ଖାଦ୍ୟ ଯେମିତି - ମହୁ,ଗୁଡ଼ ଓ ଚିନିଠାରୁ ଦୂରେଇ ରହିବା ଭଲ। ମିଠା ଖାଇବାକୁ ଇଚ୍ଛା ହେଲେ ମିଠା ଫଳ ଖାଆନ୍ତୁ।

ଅତ୍ୟଧିକ ଗରମ, ରାଗଯୁକ୍ତ, ଲୁଣଯୁକ୍ତ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ।

ତେଲରେ ଛଣାଯାଇଥିବା ଖାଦ୍ୟ ଯେମିତି ବରା, ସିଙ୍ଗଡ଼ା ବିଭିନ୍ନ ପ୍ରକାର ଚିପ୍ସ, ଭୁଜିଆ ଇତ୍ୟାଦି ଠାରୁ ଗ୍ରୀଷ୍ମରେ ଦୂରେଇ ରହିବା ଭଲ।

ଖରାଦିନେ ରାତି ଜଣା ପଡ଼େନାହିଁ। ଲୋକେ ବହୁତ ଡେରିରେ ଶୁଅନ୍ତି। ପୁଣି ଗରମରେ ବି ଭଲ ନିଦ ହୁଏନି। ଅନିଦ୍ରା ରହି ଟିକେ ପରିଶ୍ରମରେ ହାଲିଆ ଲାଗେ, ମାନ୍ଦା, ମାନ୍ଦା ଅନୁଭୂତ ହୁଏ। ତେଣୁ ଯଥେଷ୍ଟ ପରିମାଣରେ ଶୋଇବା ପ୍ରତି ଦୃଷ୍ଟି ଦିଅନ୍ତୁ। ଚା'କଫି କମାଇ ଦିଅନ୍ତୁ। ରାତିରେ ଅଳ୍ପ ଖାଆନ୍ତୁ।

ଖରାଦିନେ ସକାଳୁ ଉଠନ୍ତୁ। ସମ୍ଭବହେଲେ ମର୍ଣ୍ଣିଂୱାକ୍‌ରେ ଯାଆନ୍ତୁ। *ମର୍ଣ୍ଣିଂୱାକ୍ ଆପଣଙ୍କ ପୂରା ଦିନକୁ ସତେଜ କରିଦେବ।*

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,*
*ଦୂରଭାଷ : ୯୪୩୭୪୫୦୧୧୪*

# ଜୁଲାଇ ୧ ତାରିଖରୁ ନୂଆ ଅପରାଧିକ ସଂହିତା କାର୍ଯ୍ୟକାରି ହେବାରେ କିଛି ବାଧକ

**ଗଦାଧର ବଳ**

ଆସନ୍ତା ଜୁଲାଇ ମାସ ୧ ତାରିଖରୁ ସମଗ୍ର ଭାରତ ବର୍ଷରେ ନୂଆ ଦୌଜଦାରୀ ଆଇନ ବା ଅପରାଧିକ ସଂହିତା କାର୍ଯ୍ୟକାରି ହେବାକୁ ଯାଉଛି। ବ୍ରିଟିସ ସରକାରଙ୍କ ଦ୍ୱାରା ୧୮୬୦ ମାସିହାରେ ପ୍ରଣିତ ଭାରତୀୟ ପିଙ୍ଗଳ କୋଡ(ଆଇପିସି) କୁ "ଭାରତୀୟ ନ୍ୟାୟ ସଂହିତା", ୧୮୮୯ ମାସିହାରୁ ପ୍ରଣିତ ଓ ୧୯୭୨ ମସିହାରେ ସଂଶୋଧିତ ଦୌଜଦାରୀ କାର୍ଯ୍ୟବିଧି ଆଇନ (ସିଆରପିସି) କୁ"ଭାରତୀୟ ନାଗରିକ ସୁରକ୍ଷା ସଂହିତା", ଭାରତୀୟ ସାକ୍ଷ ବିଧି ଆଇନ (ଇଣ୍ଡିଆନ ଏଭିଡେନ୍ସ ଆକ୍ଟ)କୁ "ଭାରତୀୟ ସାକ୍ଷ ଅଧିନିୟମ"ରେ ପରିବର୍ତ୍ତନ କରା ଯାଇଛି। ପ୍ରଚଳିତ ଆଇନରେ ବ୍ରିଟିସ ଶାସକମାନଙ୍କ ଔପନିବେଶିକ ମାନସିକତା ପ୍ରତି'ଳିତ ହେଉ ଥିବାରୁ ଏହାକୁ ଉଚ୍ଛେଦ କରିବାର ଦାବୀ ଦିର୍ଘ ଦିନର। ଗତ ବର୍ଷ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କରିବା ବେଳେ ଖୁବ ଶିଘ୍ର ଏହି ପୁରୁଣା ଆଇନ ଉଚ୍ଛେଦ କରି ନୂଆ ଆଇନ ଆଣିବାକୁ ଯାଉ ଥିବାର ଘୋଷଣା କରିଥିଲେ। ତା ପରେ ଦେଶରେ ଖୁବ ଶିଘ୍ର ଅପରାଧିକ ସଂହିତା ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇ ଥିଲା ଓ ସଂସଦରେ ବିରୋଧି ଦଳର ୮୯ ଜଣ ସଦସ୍ୟ ନିଜର ବିଶୃଖଳିତ ଆଚରଣ ଅଭିଯୋଗରେ ସସ୍‌ପେଣ୍ଡ ହୋଇ ଅନୁପସ୍ଥିତ ଥିବା ସମୟରେ ଗୃହମନ୍ତ୍ରୀ ଏହି ବିଲ୍ ଉପସ୍ଥାପନ କରି ଏହାକୁ ପାସ କରିବା ପରେ ଗତ ବର୍ଷ ଡିସେମ୍ବର ୨୫ ତାରିଖରେ ମହାମହିମ ରଷ୍ଟ୍ରପତିଙ୍କ ସିକୃତି ପାଇ ଆଇନରେ ପରିଣତ ହୋଇ ସାରିଛି, ମାତ୍ର ଏହାକୁ ଆସନ୍ତା ଜୁଲାଇ ମାସ ୧ ତାରିଖ କାର୍ଯ୍ୟକାରି କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା କାର୍ଯ୍ୟକାରୀ ହେଲେ ତଦନ୍ତକାରି ସଂସ୍ଥା ଯଥା ପୋଲିସ ଏହାକୁ କାର୍ଯ୍ୟକାରି କରିବା ପାଇଁ, ଓକିଲ ଓ ବିଚାରପତିମାନଙ୍କର ତର୍ଜମା ପାଇଁ ପ୍ରାଥମିକ ସ୍ତରରେ ନିଶ୍ଚିତ ଅସୁବିଧାରେ ସମ୍ମୁଖିନ ହେବେ। ତେବେ ବିଶାଳ ତିୱାରି ନାମକ ଜନୈକ ଆଇନଜୀବୀ ଏହି ଆଇନକୁ କାର୍ଯ୍ୟକାରି କରିବା ଆଗରୁ ଦେଶର ପ୍ରମୁଖ ସଂବିଧାନ ବିଶାରଦ ମାନଙ୍କ ଦ୍ୱାରା ତର୍ଜମା କରାଯାଇ ତା ପରେ ଏହି ଆଇନକୁ କାର୍ଯ୍ୟକାରି କରିବା ପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଛନ୍ତି। ପୁରୁଣା ଆଇନର ଦ'କୁ କେବଳ ପରିବର୍ତ୍ତନ କରା ଯାଇଛି ବୋଲି ବିରୋଧିମାନେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ସରକାରଙ୍କ ତର'ରୁ କୁହାଯାଉଛି ଯେ ବିଚାର ପ୍ରକ୍ରିୟା ସର୍ବାଧିକ ୩ ବର୍ଷ ଭିତରେ ଶେଷ ହେଉ ଥିବାରୁ "ତାରିଖ ପେ ତାରିଖ" ଯୁଗର ଅବସାନ ହେବ ଓ ନୂଆ ଆଇନରେ ମୋଟ ୩୧୩ଟି ଧାରା ସଂଯୋଗ କରା ଯାଇଛି। ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ନାବାଳିକା ଯୌନ ନିର୍ଯ୍ୟାତନା ପାଇଁ ସର୍ବାଧିକ 'ାସି ବା ଆଜୀବନ କାରାଦଣ୍ଡ ବ୍ୟବସ୍ଥା କରାଯାଇଛି। ଔପନିବେଶିକ ମାନସିକତାର ପରିବର୍ତ୍ତନ ଆବଶ୍ୟକତା ରହିଥିବା କଥା ପ୍ରଧାନମନ୍ତ୍ରୀ କହିଥିବା ବେଳେ ଦୌଦାରୀ କାର୍ଯ୍ୟବିଧି ଆଇନ (ସି.ଆର.ପି.ସି) ରେ ପୁର୍ବରୁ ୪୮୪ ଟି ଧାରା ଥିବା ବେଳେ ନୂଆ "ଭାରତୀୟ ନାଗରିକ ସୁରକ୍ଷା ସଂହିତା"ରେ ମୋଟ ୫୩୧ଟି ଧାରା ରହିଛି ଓ ୧୬୦ଟି ଧାରାକୁ ପରିବର୍ତ୍ତନ କରାଯାଇ ୯ଟି ନୂଆ ଧାରା ଯୋଗ କରା ଯାଇଛି। ଭାରତୀୟ ପିଙ୍ଗଳ କୋଡ(ଆଇପିସି)ରେ ମୋଟ ୫୧୧ ଗୋଟି ଦ'ା ରହିଥିବା ବେଳେ ନୂଆ "ଭାରତୀୟ ନ୍ୟାୟ ସଂହିତା"ରେ ମୋଟ ୩୫୮ ଗୋଟି ଧାରା ରହିଛି ଓ ୮ଗୋଟି ନୂଆ ଧାରା ଯୋଗ କରା ଯାଇଛି। ସେହିପରି ଭାରତୀୟ ସାକ୍ଷ ବିଧି ଆଇନ(ଇଣ୍ଡିଆନ ଏଭିଡେନ୍ସ ଆକ୍ଟ) ବା "ଭାରତିୟ ସାକ୍ଷ ଅଧିନିୟମ"ରେ ମୋଟ ୧୬୭ ଧାରା ଥିବା ବେଳେ ଏବେ ତାକୁ ୧୭୦କୁ ବୃଦ୍ଧି କରା ଯାଇଛି, ଯେଉଁଥିରେ ୨୩ ଗୋଟି ଧାରାର ପରିବର୍ତ୍ତନ କରା ଯାଇଛି। ପିଙ୍ଗଳ କୋଡର ଦ'ା ୩୦୭ କୁ ୧୦୮,ଦ'ା ୩୭୫, ୩୭୬ କୁ ୬୩, ୬୯ ଓ ଦ'ା ୩୦୨ କୁ ୧୦୧, ସାମୁହିକ ବଳାତ୍କାର ୩୭୬ କୁ ୭୦, ବଧୂ ହତ୍ୟା ୩୦୪(ଖ)କୁ ୮୦, ମାନହାନି ପାଇଁ ଦ'ା ୪୯୯, ୫୦୦ କୁ ୩୫୬, ରାଜଦ୍ରୋହ ୧୨୪(କ) କୁ ୧୫୨, ଦେଶ ବିରୋଧି ଗତି ବିଧ ଅପରାଧର ଧାରା ୧୨୧(କ) ରାଜ ଦ୍ରୋହ ଅପରାଧ କରାଯାଇ ୧୪୮,ଦେଶ ବିରୋଧି ଷଡଯନ୍ତ୍ର ପାଇଁ ଦ'ା ୧୨୧ କୁ ୧୪୭, ଆତ୍ମ ହତ୍ୟା ପାଇଁ ପ୍ରବର୍ତ୍ତାଇବା ୩୦୬ କୁ ୧୦୮। ସେହିପରି ପ୍ରତାରଣା ପାଇଁ ଥିବା ୪୨୦ ଦ'ା ଏବେ ୩୧୮ ହୋଇଛି, ଘୃଣ୍ୟ ଭାଷଣ ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଗେଙ୍ଗ ରେପ ପାଇଁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ଦୁର୍ଘଟଣା ଘଟାଇ ଥିବା ଚାଳକ ଯଦି ଆଘାତ ପ୍ରାପ୍ତ ବ୍ୟକ୍ତିକୁ ଡାକ୍ତରଙ୍କ ପାଖକୁ ନେଇ ଗଲା, ଅଭିଯୁକ୍ତର ଦଣ୍ଡ କୋହଳ ବ୍ୟବସ୍ଥା, ମୁଣ୍ଡକୁ ଆଘାତ କଲେ ସାଧାରଣ ଦ'ା ଲାଗୁ ଥିଲା, ଏବେ ଯଦି ବ୍ରେନ ଡେଡ ହୋଇଗଲା, ତେବେ ଦଶ ବର୍ଷ ସଶ୍ରମ କାରାଦଣ୍ଡ, ସଂବିଧାନ ଦେଇଥିବା ମୌଳିକ ଅଧିକାରରେ ଅଭିହିତ ଥିବା ଗିର' ବ୍ୟକ୍ତିର ପରିବାରକୁ ପୋଲିସ ଅବଗତ କରିବା ବାଧ୍ୟତା ମୂଳକ କରା ଯାଇ ଥିବା ବେଳେ, ଅଭିଯୋଗକାରୀକୁ ୯୦ ଦିନ ଭିତରେ ତା ମାମଲାଟିର ସ୍ଥିତି ବିଷୟରେ ଅବଗତ କରାଯିବ, ୯୦ ଦିନ ଭିତରେ ଯଦି ଅଭିଯୁକ୍ତ ଗିର' ବା ଆତ୍ମ ସମର୍ପଣ ନ କଲା, ତା ମାମଲାଟିକୁ କୋର୍ଟ ଏକ ତର'ା ଭାବରେ ବଚାର କରି ରାୟକୁ ସଂରକ୍ଷିତ କରି ରଖିବେ। ଗମ୍ଭୀର ଅପରାଧରେ ଦଣ୍ଡିତ ବ୍ୟକ୍ତି ମୋଟ ଦଣ୍ଡର ଅଧା ଭୋଗ କରି ସାରିଥିଲେ ବ୍ୟବହାରିକ ପରିବର୍ତ୍ତନକୁ ବିଚାରକୁ ନେଇ ତାକୁ ମୁକ୍ତ କାରାଯାଇ ପାରିବ।

ରାୟ ସଂରକ୍ଷଣ ବାହାନାରେ କୋର୍ଟ ରାୟକୁ ୪୩ ଦିନରୁ ଅଧିକ ସମୟ ରଖି ପାରିବେ ନାହିଁ, କ୍ଷମା ଯାଚିକା କେବଳ ଅପରାଧି ନିଜେ ହିଁ କରି ପାରିବେ, ଆଗରୁ ସେ ନିଜେ କିମ୍ବା ତାଙ୍କ ତର'ରୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି ଆବେଦନ କରି ପାରୁଥିଲେ। ଗୃହମନ୍ତ୍ରୀଙ୍କ କହିବା ମୁତାବକ ସେ ଏହି ଆଇନକୁ ତର୍ଜମା କରିବା ବେଳେ ୧୮ଟି ରାଜ୍ୟ ସରକାର, ୬ଟି କେନ୍ଦ୍ର ଶାସିତ ଅଂଚଳ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ, ୨୨ଟି ରାଜ୍ୟର ଉଚ୍ଚ ନ୍ୟାୟାଳୟ, ଅନେକ ନ୍ୟାୟାଳୟର ବିଚାରପତି, ୪୨ ଜଣ ସାଂସଦ, ୨୭୦ ଜଣ ବିଧାୟକ୍‌ କ୍ ସହ ମୋଟ ୧୫୮ଟି ବୈଠକ ଡକାଇ ସେମାନଙ୍କ ସହ ଆଲୋଚନା କରି ଏହି ନୂଆ ଆଇନ ଆଣିଛନ୍ତ। ଜୁଲାଇ ୧ ତାରିଖରୁ ନୂଆ ଆଇନ ଦେଶ ତାମାମ ଲାଗୁ ହେବାକୁ ଥିବା ବେଳେ ପୁରୁଣା ମାମଲା ଗୁଡିକ ପୁରୁଣା ଆଇନ ଅନୁଯାୟି ବିଚାର ହେବ ବୋଲି ବିଜ୍ଞପ୍ତିରେ କୁହା ଯାଇଛି।

ଭାରତୀୟ ନ୍ୟାୟ ସଂହିତାର ଦ'ା ୧୦୬ (୨) ଯାହାକି "ହିଟ ଏଣ୍ଡ ରନ" ବା ଗାଡି ଚଳାଇ ଯାଉଥିବା ବେଳେ ଦୁର୍ଘଟଣା ଘଟାଇ ଅଭିଯୂକ୍ତ '̃ରାର ହୋଇ ଗଲେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜୋରିମାନା ବ୍ୟବସ୍ଥାକୁ ଭାରତୀୟ ମୋଟର ଚାଳକ ସଂଘ ବିରୋଧ କରିବାରୁ ତାହାକୁ କାର୍ଯ୍ୟକାରି କରା ନଯାଇ ସ୍ଥଗିତ ରଖା ଯାଇଛି। ବ୍ରିଟିସ ଶାସନ କାଳରେ ପ୍ରଣିତ "ରାଜଦ୍ରୋହ" ଅପରାଧକୁ "ଦେଶଦ୍ରୋହ" ବୋଲି ଆଖ୍ୟାୟିତ କରାଯାଇଛି। ଜୁଲାଇ ୧ ତାରିଖରୁ ନୂଆ ଆଇନ କାର୍ଯ୍ୟକାରୀ ହେଲେ ପୁରୁଣା ମାମଲା ଗୁଡିକ ପୁରୁଣା ଆଇନ ଅନୁଯାୟି ବିଚାର ହେବ ଓ ସେହି ଦିନ ଠାରୁ ନୂଆ ଆଇନ ଲାଗୁ ହେଉ ଥିବାରୁ ଉଭୟ ଆଇନକୁ ଏକା ସଂଗରେ ତର୍ଜମା କରି ବିଚାର କରିବା ଆଇନଜୀବୀ ଓ ବିଚାରପତି ମାନଙ୍କୁ ନିଶ୍ଚିତ ଅସୁବିଧାରେ ପକାଇବ। ତଦନ୍ତକାରୀ ସଂସ୍ଥାର ଅଧିକାରି, ଆଇନଜୀବି ଓ ବିଚାରପତିମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ଏହା କାର୍ଯ୍ୟକାରୀ ହୋଇ ଥିଲେ ନୂଆ ଆଇନ କାର୍ଯ୍ୟକାରିତାର ସୁ'ଳ ଉପଲବ୍ଧି ହେବାରେ କୌଣସି ଅସୁବିଧା ହୋଇ ନ ଥାନ୍ତା।

*ଆଇନଜୀବୀ, ଭଦ୍ରକ*
*ମୋ -୯୪୩୭୧୨୮୮୪୧,*




# ବୀରମିତ୍ରପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

ରାଉରକେଲା (ପିଏନ୍) : ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାର ଓ ଗତ ୮ ବର୍ଷ ଧରି କ୍ଷମତାସୀନ ଥିବା କେନ୍ଦ୍ରର ବିଜେପି ସରକାର ଏବଂ ଉଭୟ ଦଳର ସ୍ଥାନୀୟ ନେତୃତ୍ୱ ବୀରମିତ୍ରପୁର ସହରାଞ୍ଚଳ ପ୍ରତି ସାଙ୍ଘାତିକ ଅବହେଳା କରିଛନ୍ତି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଗତ ୨୦୧୩ରୁ ୨୦୧୮ ପର୍ଯ୍ୟ' ବୀରମିତ୍ରପୁର ପୌରପାଳିକାରେ ବିଜେଡି ଶାସନ କରୁଥିବା ବେଳେ କ୍ଷମତାସୀନ କେନ୍ଦ୍ର ବିଜେପି ସରକାରର ସାଂସଦ ଜୁଏଲ ଓରାମ ଓ ବିଧାୟକ ଶଙ୍କର ଓରାମ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । ତେବେ ଏହି ଉଭୟ ଦଳ ଓ ନେତାମାନେ ବୀରମିତ୍ରପୁର ଅଞ୍ଚଳ ପାଇଁ କୌଣସି ଆଖି ଦୃଶିଆ କାର୍ଯ୍ୟ ନ କରି କେବଳ ଲୋକଙ୍କୁ ଠକିଥିବାରୁ ଆସ'। ୨୪ ତାରିଖର ପୌର ନିର୍ବାଚନରେ ବୀରମିତ୍ରପୁର ବାସୀ ସେମାନଙ୍କୁ ଠିକଣା ଜବାବ୍ ଦେବାକୁ ଗତକାଲି ବୀରମିତ୍ରପୁର ଠାରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମ୍ମିଳନୀରେ ଦଳ ତରଫରୁ ଆହ୍ୱାନ ଦିଆଯାଇଛି । ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସ୍ଥାନୀୟ ବିଆର୍ଆଇ କ୍ଲବ୍ ମଇଦାନରେ ଅନୁଷ୍ଠିତ ବିଶାଳ କର୍ମୀ ସମ୍ମିଳନୀରେ ଝାଡଖଣ୍ଡ ରାଜ୍ୟର କୋରାବିରା ବିଧାନସଭା କ୍ଷେତ୍ରର କଂଗ୍ରେସ ବିଧାୟକ ମମନ ବିକ୍ସାଲ କଙ୍ଗାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୀରମିତ୍ରପୁର ସମେତ ସୁନ୍ଦରଗଡ ଜିଲ୍ଲାର ଆଦିବାସୀ, ଦଳିତ, ସଂଖ୍ୟାଲଘୁ, ପଛୁଆ ବର୍ଗ ତଥା ସାଧାରଣ ଖଟିଖିଆ ମେହନତି ମଣିଷର ସ୍ୱାର୍ଥ ପାଇଁ ନିର'ର ସଂଗ୍ରାମ କରୁଥିବା ଶ୍ରୀ ଜର୍ଜ ତିର୍କୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଚଳିତ ପୌର ନିର୍ବାଚନରେ କଂଗ୍ରେସର ଚେୟାରମ୍ୟାନ ପ୍ରାର୍ଥୀ ଶଶୀ ସାଗରଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ସହିତ ସମସ୍ତ ୧୧ଟି ୱାର୍ଡରେ କଂଗ୍ରେସର ପ୍ରାର୍ଥୀ ଓପ୍ରାର୍ଥିନୀମାନଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ବୀରମିତ୍ରପୁର ଅଞ୍ଚଳବାସୀଙ୍କ ସହିତ କୋଲାବିରା ଅଞ୍ଚଳ ବାସୀଙ୍କ ଭାବଗତ ସମ୍ପର୍କ ଉପରେ ଆଲୋକପାତ କରି ବୀରମିତ୍ରପୁର ପୌର ନିର୍ବାଚନରେ କଂଗ୍ରେସ ବିଜୟୀ ହେଲେ ଉଭୟ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ଠାରୁ ଆରମ୍ଭ କରି କର୍ମନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ତିର୍କୀ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରି ତାଙ୍କ ବିଧାୟକତ୍ୱ କାଳରେ ଯେତେବେଳେ କି ଶଶୀ ସାଗର ପୌରପାଳିକାର ଅଧକ୍ଷ ଥିଲେ ସେ ସମୟରେ ହୋଇଥିବା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ବିଶଦ୍ ସୂଚନା ଦେଇଥିଲେ ।

ତେଣୁ ସମ୍ପ୍ରତି ଶଶୀ ସାଗରଙ୍କ ସମେତ ସମସ୍ତ କଂଗ୍ରେସ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରି ବୀରମିତ୍ରପୁରକୁ ଏକ ନୂଆ ରୂପ ଦେବା ପାଇଁ ଶ୍ରୀ ତିର୍କୀ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ । ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି ତାଙ୍କ ବକ୍ତବ୍ୟରେ ହିନ୍ଦୁ, ମୁସଲିମ, ଶିଖ, ଇସାଇ ସବୁ ସମ୍ପ୍ରଦାୟର ଲୋକଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିର'ର କାର୍ଯ୍ୟ କରୁଥିବା ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ଶ୍ରୀ ତିର୍କୀଙ୍କୁ ମଜବୁତ କରିବାର ଦାୟିତ୍ୱ ବୀରମିତ୍ରପୁର ବାସୀଙ୍କର ବୋଲି ଉଲ୍ଲେଖ କରି ଶଶୀ ସାଗରଙ୍କ ବିଜୟ ହେଲେ ତାହା ସମ୍ଭବ ହୋଇପାରିବ ବୋଲି କହିଥିଲେ । ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲାରେ ଆଦିବାସୀ, ଦଳିତଙ୍କ ଉପରେ ଅତ୍ୟାଚାର ହେଲେ ଯଦି କେହି ନେତା ସମ୍ମୁଖକୁ ଆସି ତାର ପ୍ରତିବାଦ କରେ ତେବେ ସେ ଜର୍ଜ ତିର୍କୀଙ୍କ ବ୍ୟତୀତ ଅନ୍ୟକେହି ନୁହଁନ୍ତି ବୋଲି ଶ୍ରୀ ସେନାପତି ଉଲ୍ଲେଖ କରି ଏଭଳି ନେତାଙ୍କୁ ସଶକ୍ତ କରିବା ସମସ୍ତ କର୍ମୀମାନଙ୍କ ଦାୟିତ୍ୱ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିକ୍ରମ ପଟ୍ଟନାୟକ, ବରିଷ୍ଠ ନେତା ଜଗଦୀଶ ପ୍ରସାଦ ଅଗ୍ରୱାଲ, ଜେଏମ୍ଏମ୍ ନେତା ଗୁଲାମ ଅହମ୍ମଦ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାରର ଜନବିରୋଧି ନୀତି, ଦରଦାମ ବୃଦ୍ଧି, ବେକାରୀ ଓ ବେରୋଜଗାରୀ, ମହିଳାଙ୍କ ପ୍ରତି ଅତ୍ୟାଚାର, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଇତ୍ୟାଦି ସମ୍ପର୍କରେ ଆଲୋକପାତ କରି ଉଭୟ ବିଜେଡି-ବିଜେପିକୁ ବୀରମିତ୍ରପୁର ମାଟିରୁ ସଭା କରିବାକୁ ଆହ୍ୱାନ ଜଣାଇଥିଲେ । ଏହି କର୍ମୀ ସମ୍ମିଳନୀରେ ବୀରମିତ୍ରପୁରର ୧୧ଟି ୱାର୍ଡରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ନେତା ସାହିଦ ଆଲମ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଆମ ପରିବେଶ ଓ ଆମ ଜୀବନ



ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି। ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ।

ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ : ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା: ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି । ଏହା ବାଦେ ଆଉ ଦୁଇଟି ପରିବେଶ ଅଛି : ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ।

ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁ ରୋଗର କାରଣ।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି। ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି। ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୂକ୍ଷ୍ମ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି। ଏକଥା ସତ୍ୟ ଯେ ମାଟିବିନା ଜୀବନ ବିପର୍ଯ୍ୟସ୍ତ । ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା - ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦ୍ୟୁଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲ ଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି। ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ।

ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀ ପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହା ପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ।

ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ।

ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

# ସମାଜସେବୀ ପ୍ରସନ୍ନ ସାମନ୍ତସିଂହାରଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଲେନ୍ ନଂ. ୨ର ଇଂ. ପ୍ରସନ୍ନ କୁମାର ସାମନ୍ତସିଂହାରଙ୍କର ଗତ "ମହାବିଦ୍ୟାଳୟ ଅମାବାସ୍ୟା ପୂଣ୍ୟତିଥିରେ ପରଲୋକ ହୋଇଥିଲା। ଗତକାଲି ତାଙ୍କର ଦ୍ୱାଦଶାହ ତିଥିରେ ଏକ ସ୍ମୃତିସଭା ଅଂଜୁଶ୍ରୀ କଲ୍ୟାଣ ମଣ୍ଡପ ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସ୍ମୃତିଚାରଣ କରାଯାଇଥିଲା। ମୂଳଗ୍ରାମ କୁହୁଡ଼ିରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ସାମନ୍ତସିଂହାର ଚାକିରୀ କାଳରେ ଜଣେ ଦକ୍ଷ ଇଂଜିନିୟର ଭାବେ ସୁନାମ ଅର୍ଜନ କରିଥିଲେ। ଅବସର ପରେ କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ପୃଷ୍ଠପୋଷକ ତଥା ଜଣେ ସମାଜସେବୀ ରୂପେ ପରିଚିତ ଥିଲେ। ସେ କୁଂଜ ବିହାରୀ ମନ୍ଦିର କମିଟିର ସଦସ୍ୟଥିଲେ। କଳିଙ୍ଗ ପାଇକ ସଂଗଠନର ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ଅତିଥିମାନଙ୍କର ପରିଚୟ ଦେଇଥିଲେ।ନାଚୁଣୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବର୍ଷିଆନ ଶିକ୍ଷକନେତା ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ଗଡ଼ମାଣତୀର ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ଜେନା, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କଳିଙ୍ଗ ପାଇକ ସଂଗଠନର ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ମଂଚାସୀନ ଥାଇ ସେ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବୈଦ୍ୟନାଥ ବରାଳ, ବିକ୍ରମ ଚମ୍ପତି, ଧରଣୀଧର ଛୋଟରାୟ, ଅନନ୍ତ ମଙ୍ଗରାଜ, ବିଶ୍ୱନାଥ ଜେନା, ସବିତା ଦେବୀ, ପତ୍ନୀ ପୂର୍ଣ୍ଣଲକ୍ଷ୍ମୀ ସାମନ୍ତସିଂହାର, କିଶୋର ଚନ୍ଦ୍ର ପରମଗୁରୁ, ଦୟାନିଧି ରାଉତରାୟ, ଅନସୂୟା ସାମନ୍ତରାୟ, ଅଟଳ ସାମନ୍ତ, ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ତାଙ୍କର ବହୁମୁଖୀ ଗୁଣାବଳୀ ବର୍ଣ୍ଣନା କରିଥିଲେ। ବିଦ୍ୟାଧର ରାଉତରାୟ ଧନ୍ୟବାଦ ଦେଇଥିଲେ। ପୁତ୍ର ପ୍ରିୟଦର୍ଶୀ ସାମନ୍ତସିଂହାର, ପ୍ରଦୀପ ସାମନ୍ତସିଂହାର ଓ ପ୍ରଶାନ୍ତ ସାମନ୍ତସିଂହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ୟୁଟି ପାର୍ଲର ଭିତରେ ସ୍ତ୍ରୀକୁ ହାଣିଲା ସ୍ୱାମୀ

ବାଲେଶ୍ୱର (ପିଏନ୍)-ପାରିବାରିକ ସମସ୍ୟାକୁ ନେଇ କରୁଣ ପରିଣତି। ସ୍ତ୍ରୀକୁ କଟୁରୀରେ ହାଣି ଥାନାରେ ଆତ୍ମସମର୍ପଣ କଲା ସ୍ୱାମୀ। ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହେଲା ସ୍ତ୍ରୀ। ସୂଚନା ଅନୁଯାୟୀ ବାଲିଆପାଳ ଥାନା ହାସିମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ସିଂଲା ଥାନା ଅନ୍ତର୍ଗତ ନହଞ୍ଜରା ଗ୍ରାମର ଜୟନ୍ତୀ ପ୍ରଧାନଙ୍କୁ ୯ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହାକୁ ନେଇ ସ୍ତ୍ରୀ ଜୟନ୍ତୀ ସ୍ୱାମୀଙ୍କ ପାଖରେ ନ ରହି ବାପଘରେ ରହୁଥିଲା ଏବଂ ସିଂଲା ଥାନା ସମ୍ମୁଖରେ କ୍ରୀଷ୍ଟା ନାମକ ଏକ ବିୟୁଟି ପାର୍ଲର ଖୋଲିଥିଲା। ଏହି ଘଟଣାକୁ ନେଇ ପୂର୍ବରୁ ଉଭୟ ବାଲିଆପାଳ ଏବଂ ସିଂଲା ଥାନାରେ ପୃଥକ ମାମଲା ରହିଛି। ଗତକାଲି ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଏକ କଟୁରୀ ଧରି ବିୟୁଟି ପାର୍ଲର ଭିତରେ ପଶି ଆକ୍ରମଣ କରିଥିଲେ। ପରେ କଟୁରୀ ସହିତ ସିଂଲା ଥାନାରେ ଆତ୍ମସମର୍ପଣ କରିଥିଲା ଅଭିଯୁକ୍ତ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜୟନ୍ତୀକୁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ କରୁଥିବା ବେଳେ ତେବେ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସବୁ ସମୟରେ ମଦ୍ୟପାନ କରି ଜୟନ୍ତୀକୁ ମାରଧାର କରୁଥିବାରୁ ଏହି ବିବାଦ ଉଗ୍ର ରୂପ ଧାରଣ କରିଥିଲା ବୋଲି ସ୍ଥାନୀୟ ସରପଞ୍ଚ ପ୍ରକାଶ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଆସୁଛି ବର୍ଷା : ଏହିସବୁ ଜିଲ୍ଲାକୁ ସତର୍କ କଲା ପାଣିପାଗ ବିଭାଗ



ଭୁବନେଶ୍ୱର,(ପି.ଏନ) : ରାଜ୍ୟରେ ଏବେ ଏକାଧିକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ତେବେ ଗତ ମଙ୍ଗଳବାର ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଯେଉଁ ଘୂର୍ଣ୍ଣିଝଡ଼ର ପ୍ରଭାବ ରହିଥିଲା, ତାହା ବର୍ତ୍ତମାନ ଶାନ୍ତ ପଡ଼ିଛି । ତେବେ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।୧୪ ତାରିଖ ସକାଳ ସାଢେ ୮ଟାରୁ ୧୫ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବାକି ସବୁ ଜିଲାରେ ପାଗ ଶୁଖିଲା ରହିବ।୧୫ ତାରିଖ ସକାଳ ସାଢେ ୮ଟାରୁ ୧୬ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଉତ୍ତର ଉପକୂଳ ଓ ନୟାଗଡ, ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଦେବଗଡ ଜିଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

## ରାଜ୍ୟରେ ଗଠନ ହେବ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୩।୩(ପି.ଏନ): ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଘଇଉ) ଗଠନ ଏବଂ ଗଞ୍ଜାମର ଭଞ୍ଜନଗର ଏନଏସିକୁ ମୁନିସିପାଲିଟିକୁ ଉନ୍ନୀତ କରାଯିବା ନେଇ ଘୋଷଣା କରିମଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲା ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣି, ବଲାଙ୍ଗିରର ଲୋଇସିଂହା ଓ ସିନ୍ଧ ?କେଲା, ବରଗଡର ସୋହେଲା, ବାଲେଶ୍ୱରର ବାଲିଆପାଳ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଳ, ଜଗତସିଂହପୁରର କୁଜଙ୍ଗ, କଳାହାଣ୍ଡିର ନର୍ଲା ଓ ମଦନପୁର ରାମପୁର ଖୋର୍ଦ୍ଧାର ବୋଲଗଡ ନୟାଗଡ଼ର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର ,ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା ,ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଗଲା । ସୂଚନାଯୋଗ୍ୟ ଯେ ଜନସାଧାରଣଙ୍କ ଦାବି, କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ ଗୁଡିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଗତ ମାସ ରେ ମୁଖ୍ୟମନ୍ତ୍ରୀ ୩୫ ଟି ନୂଆ ଘଇଉ ଓ ୫ଟି ନୂଆ ମୁନିସିପାଲିଟି ଗଠନ ବିଷୟ ଘୋଷଣା କରିଥିଲେ ।

## ପୁତୁରାଙ୍କୁ ହଁ, ଦାଦାଙ୍କୁ ଲୋକସଭା ସିଟ୍ ଦେବାକୁ ବିଜେପି ଅମଙ୍ଗ !

ଭୁବନେଶ୍ୱର, (ପି.ଏନ): ବିଜେପି ନେତୃତ୍ୱାଧୀନ ଏନଡିଏ ବିହାରରେ ସିଟ ଶେୟାରିଂ ଫର୍ମୁଲା ଏକ ପ୍ରକାରର ଚୂଡାନ୍ତ କରିଛି। ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି(ରାମ ବିଳାଶ)ଙ୍କୁ ବିଜେପି ବିହାରରେ ୫ଟି ସିଟ୍ ଛାଡିବାକୁ ରାଜି ହୋଇଛି ।ରାଜ୍ୟର ହାଜିପୁର, ବୈଶାଳୀ, ଜାମୁଇ, ସମସ୍ତିପୁର ଓ ଖାଗାରିଆରେ ଚିରାଗଙ୍କ ଦଳ ଏଥର ଲୋକସଭା ନିର୍ବାଚନ ଲଢ଼ିବ। ଆଜି ଚିରାଗ ପାଶ୍ୱାନ ଦିଲ୍ଲୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଥିଲେ। ଏହାପରେ ଏପରି ସିଟ ଶେୟାରିଂ ଫର୍ମୁଲା ସାମ୍ନାକୁ ଆସିଛି। ଚିରାଗ ହେଉଛନ୍ତି ଦିବଙ୍ଗତ ରାମ ବିଳାଶ



ପାଶ୍ୱାନଙ୍କ ପୁଅ ।ରାମ ବିଳାଶଙ୍କ ମୃତ୍ୟୁ ପରେ ତାଙ୍କ ଦଳ ଏଲଜେପି ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଗୋଟିଏ ପଟେ ଚିରାଗ ରହିଥିବା ବେଳେ ଅନ୍ୟପଟେ ତାଙ୍କ ସମ୍ପର୍କୀୟ ଦାଦା ପଶୁପତି ପାରସ ରହିଥିଲେ। ବିବାଦ ବଢ଼ିବାରୁ ଚିରାଗଙ୍କୁ ଏଲଜେପି(ରାମ ବିଳାଶ) ନାଁରେ ଆଉ ଗୋଟିଏ ଦଳ ଗଠନ କରିବାକୁ ପଡିଥିଲା। ପଶୁପତି ପ୍ରକୃତ ଏଲଜେପିର ମାନ୍ୟତା ପାଇଥିଲେ। ପଶୁପତି ମଧ୍ୟ ବିଜେପି ସରକାରରେ ମନ୍ତ୍ରୀ ହୋଇଥିଲେ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯. ୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday March 14, 2024 | ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୧୪ ,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ






ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ସଫଳତା ର ସହ ପାଳିତ ହୋଇଯାଇଛି କ୍ଷ ଚ଼ଳିତ ମାର୍ଚ୍ଚ ମାସ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଚ଼ାଲିଥିବା ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ଏବଂ ନିରାପତ୍ତା ଉପକରଣର ପ୍ରଦର୍ଶନ, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଇତ୍ୟାଦି ପ୍ରଦର୍ଶନ କରାଯାଇ ବିଭିନ୍ନ ବିଭାଗର କର୍ମଚ଼ାରୀ ଏବଂ ଠିକା ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଏଥିସହ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ସୁରକ୍ଷା ଆଲୋଚ଼ନା କରିଥିଲେ। ଇଫକୋ ର କର୍ମଚ଼ାରୀ, ସେମାନଙ୍କ ପରିବାର ସଦସ୍ୟ, ଶିଶୁ ଏବଂ ଚୁକ୍ତିଭିତ୍ତିକ କର୍ମଚ଼ାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସୁରକ୍ଷା ପ୍ରତିଯୋଗିତା ଯଥା ସୁରକ୍ଷା ସ୍ଲୋଗାନ୍, ସୁରକ୍ଷା କୁଇଜ୍ ଏବଂ ଚ଼ିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମାର୍ଚ୍ଚ ୧୧ ସୋମବାର ଦିନ ଜାତୀୟ ସୁରକ୍ଷା ସପ୍ତାହର ର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଫ୍ୟାକ୍ଟି ଆଣ୍ଡ ବଏଲର ପାରାଦୀପ ଆଞ୍ଚଳିକ ନିର୍ଦ୍ଦେଶକ ଚ଼ନ୍ଦ୍ର ଶେଖର ବେହେରା ଯୋଗଦେଇ ସୁରକ୍ଷା ସଚେତନତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେହିପରି ଇଫକୋ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ଉପସ୍ଥିତ ରହି ସୁରକ୍ଷା ଉପରେ ନିଜର ସୁଚ଼ିନ୍ତିତ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଏନପିଏଫ ବରିଷ୍ଠ ସାଧାରଣ ପରିଚ଼ାଳକ ପି.ଏସ. ନୀଳାମ୍ବରନ, ଆଇଟିସର୍ଭିସ ଜିଏମ ଏନ.ଆର. ନାୟକ, ଜେଟି ଜିଏମ ଆର.କେ.ସ୍ୱାଇଁ, ଫାୟାର ଆଣ୍ଡ ସେଫଟି ସହ ପରିଚ଼ାଳକ ଏମ.ଆର.ନାୟକ ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସଡକ ଦୁର୍ଘଟଣାରେ ଅହତ କ୍ରୀଡାବିତଙ୍କ ବିୟୋଗ

ଧର୍ମଶାଳା, (ପିଏନ୍): ଦୁର୍ଘଟଣାରେ ଆହତ ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ଇମାମନଗର ଗ୍ରାମର ବିଶିଷ୍ଟ କ୍ରୀଡାବିତ ନାରାୟଣ ପାଳ (୪୩)ଙ୍କ ଆଜି ପରଲୋକ ହୋଇଯାଇଛି । ସ୍ୱର୍ଗତ ପାଳ ଜାଗର ଦିନ କୌଣସି କାମରେ ଚଡେଇଧରା ଛକକୁ ଯାଇ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ଗଡମଧୁପୁର ପଂଚାୟତ ଭୁବନପୁର ଛକରେ ଏକ ଅଜଣାଗାଡି ତାଙ୍କୁ ଧକ୍କାଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନନାନ୍ତର କରାଯାଇଥିଲା । ତେବେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତି କରି ଚିକିତ୍ସା କରାଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଆଜି ଦିନ ୧ଟା ସମୟରେ ତାଙ୍କର ପରଲୋକ ଘଟିଛି । ସେ ଜଣେ ଆମାୟିକ , ମିଷ୍ଟଭାଷି ବ୍ୟକ୍ତିଥିଲେ । ସେ ଉଚ୍ଚକୋଟିର କ୍ରୀକେଟ ଖେଳାଳୀ ସହିତ କ୍ରୀକେଟ ଖେଳରେ ଜଣେ ଦକ୍ଷ ଅମ୍ପେଆର ଭାବେ ସମଗ୍ର ଅଂଚଳରେ ବେଶ ଜଣାଶୁଣାଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କେଡିଏମ ତଥା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, କେଡିଏମ ଉପସଭାପତି ରଶ୍ମୀରନ ରାୟ, ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, ଗଙ୍ଗାଧରପୁର ପଂଚାୟତର ସରପଂଚ ତ୍ରିଲୋଚନ ଜେନା, ସାମାଜିକ କର୍ମୀ ଦେବବ୍ରତ ରାଉତ ଓ ଶୁଶିଲ କୁମାର ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ଭ୍ରଷ୍ଟାଚାର ବିରୁଦ୍ଧରେ ଲଢେଇ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତଥା ବିଜେଡ଼ି ନେତା ସତୀଶ ବିଶ୍ୱାଳ ଙ୍କ ନେତୃତ୍ୱ ରେ ଆଜି ଧର୍ମଶାଳା ତହସିଲ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ସତୀଶଙ୍କ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ନିକଟକୁ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାର ଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଆଜି ପୂର୍ବାହ୍ନରେ ଜାରକା ନିକଟସ୍ଥ ପଣ୍ଡୁଆ ଶିବ ମନ୍ଦୀର ଠାରୁ ସତୀଶ ବିଶ୍ୱାଳ ଙ୍କ ନେତୃତ୍ୱ ରେ ଏକ ବିରାଟ ଶୋଭାଯତ୍ରାରେ ବହୁ ସଂଖ୍ୟା ରେ ପୁରୁଷ ଓ ମହିଳା ଜାରକା ଓ ଧର୍ମଶାଳା ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ନିକଟରେ ପହଂଚିଥିଲେ ସେଠାରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ସଭାରେ ଧର୍ମଶାଳାରେ ଚାଲିଥିବା ପରିବାରବାଦ୍ ଶାସନ କୁ ବିରୋଦ୍ଧ କରି ଧର୍ମଶାଳାରେ ଏବେ ଭ୍ରଷ୍ଟାଚାର ପ୍ରୟୋଗଶାଳା ପାଲଟିଛି ବୋଲି କହିବା ସହ ମା ମାଟି ସ୍ୱାଭିମାନ ସୁରକ୍ଷା ସଂକଳ୍ପ ଯାତ୍ରା ରେ ସାମିଲ ହେବାପାଇଁ ଶ୍ରୀ ବିଶ୍ୱାଳ ସମସ୍ତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ଅବହେଳିତ ଧର୍ମଶାଳାବାସୀଙ୍କୁ ନ୍ୟାୟ ଦେବା ସହ ସେମାନଙ୍କ ଦୁଃଖ ସୁଖରେ ସାମିଲ୍ ହେବାପାଇଁ ସେ ଏଥର ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପକ୍ଷରୁ ବୁଧବାର ଦିନ ଆଂର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଆୟୋଜିତ ଏହି ଉତ୍ସବରେ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ସମଗ୍ର ଦେଶରେ ଏକ ନମ୍ବର ବନ୍ଦର ହେବାକୁ ଯାଉଥିବା ସୂଚନା ଦେଇଥିଲେ । ପାରାଦୀପ ବନ୍ଦର ପକ୍ଷରୁ ଏକ ନୂତନ ମୋବାଇଲ୍ ମେଡିକାଲ୍ ୟୁନିଟ୍ର ଲୋକର୍ପଣ ହୋଇଥିବା ନେଇ ସୂଚନା ଦେଇଥିଲେ ଅଧକ୍ଷ ଶ୍ରୀ ହରନାଦ । ଅନ୍ୟତମ ଅତିଥି ଭାବେ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇ ସମାଜ ଗଠନରେ ମହିଳାମାନଙ୍କ ଗୁରୁ ଦାୟିତ୍ୱ ଥିବା ନେଇ ମତବ୍ୟକ୍ତ କରିଥିଲେ । ଖ୍ୟାତନାମା ହୃଦରୋଗ ବିଶେଷଜ୍ଞା ଡା.ଶିଳ୍ପା ବିନାୟକ ଗାଡାଡେ, ଡା.ସ୍ୱାତୀ ମହାପାତ୍ରଙ୍କୁ ପାରାଦୀପ ବନ୍ଦର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାରାଦୀପ ବନ୍ଦର କର୍ମଜୀବୀ ମହିଳା ଶାଖାର ଅଧକ୍ଷା ସୁସ୍ମିତା ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିଶ୍ରୀ ମହାଁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡା. ରୁନୁ ସିଂ ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢ଼ାଞ୍ଚାରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କର

ଭୁବନେଶ୍ୱର,(ପି.ଏନ): ଉତ୍ତର ଓଡ଼ିଶାରେ ଅବସ୍ଥିତ ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲାର ଆର୍ଥିକ ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢ଼ାଞ୍ଚାରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଶ୍ରୀ ପଟ୍ଟନାୟକ ଦର୍ଶାଇଛନ୍ତି ଯେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ଦ୍ୱାରା ଆର୍ଥିକ କ୍ଷେତ୍ରରେ ଅବହେଳିତ ଜିଲା ଗୁଡ଼ିକର ସନ୍ତୁଳିତ ବିକାଶ ସହ ଆଞ୍ଚଳିତ ବୈଷ୍ୟମତା ଦୂର ହୋଇପାରିବ । ପ୍ରାୟ ଏକ କୋଟି ଜନତା ବସବାସ କରୁଥିବା ଉତ୍ତର ଓଡ଼ିଶାର ଏହି ଚାରି ଜିଲା ଖଣି ଖାଦାନରେ ପରିପୂର୍ଣ୍ଣ । ରାଜ୍ୟର ଅନ୍ୟ ଅଞ୍ଚଳ ଅପେକ୍ଷା ରାଜକୋଷକୁ ଉତ୍ତର ଓଡ଼ିଶାର ଯୋଗଦାନ ସର୍ବାଧିକ ରହିଛି । ତଥାପି ବିକାଶ କ୍ଷେତ୍ରରେ ଉଭୟ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏବଂ ରାଜ୍ୟର ନବୀନ ସରକାରଙ୍କ ଦ୍ୱାରା ଉତ୍ତର ଓଡ଼ିଶା ଉପେକ୍ଷିତ ହୋଇରହିଯାଇଛି । ଦୀର୍ଘ ସମୁଦ୍ରତଟ, ଖଣିଜ ସଂପଦ, ବିସ୍ତୀର୍ଣ୍ଣ କୃଷିଜମି ଏବଂ ଅନ୍ୟାନ୍ୟ ଆର୍ଥିକ ବିକାଶ ନିମନ୍ତେ ସମସ୍ତ ସୁଯୋଗ ଥିବା ସତ୍ତ୍ୱେ ସ୍ଥାନୀୟ ଯୁବପୀଢ଼ି ରୋଜଗାର ଅନ୍ୱେଶଣରେ ପଳାୟନ କରୁଛନ୍ତି । ଭିତ୍ତିଭୂମିର ଅଭାବ, ଦକ୍ଷତା ବିକାଶ ଓ ତାଲିମ ଅଭାବ ଏବଂ କମ୍ ପୁଞ୍ଜିନିବେଶ ସ୍ଥାନୀୟ ଆର୍ଥିକ ବିକାଶକୁ ରୋକିଛି । ଯଦ୍ୱାରା ବେକାରୀ ବୃଦ୍ଧି ସହ ଜନତାଙ୍କ ଜୀବନମାନ ପ୍ରଭାବିତ ହେଉଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଉଦାହରଣ ହେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହା ପଶ୍ଚିମ ଓଡ଼ିଶାର ଆର୍ଥିକ ଗତିବିଧି ଏବଂ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି । ଡବ୍ଲୁଓଡିସି ଗଠନ ହେବା ଦିନ ଠାରୁ ଏପର୍ଯ୍ୟନ୍ତ ୨୫୦୦ କୋଟି ଟଙ୍କା ବ୍ୟୟରେ ୪୨୮୨୦ଟି ପ୍ରକଳ୍ପ ନିର୍ମାଣ ହୋଇଛି । ଏହାର ସିଧାସଳଖ ଲାଭ ପଶ୍ଚିମ ଓଡ଼ିଶାବାସୀ ପାଇଛନ୍ତି । ଠିକ୍ ସେହିଭଳି ସ୍ୱତନ୍ତ୍ର ଉତ୍ତର ଓଡ଼ିଶା ବିକାଶ ଗଠନ ଦ୍ୱାରା ପଛୁଆ ଅଞ୍ଚଳ ଗୁଡ଼ିକୁ ଫୋକସ କରାଯାଇ ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ । ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ଦ୍ୱାରା କୃଷି କ୍ଷେତ୍ରର ବିକାଶ ଓ କୃଷକଙ୍କ କଲ୍ୟାଣ, ଡିଜିଟାଲ କାପାବିଲିଟି ବିଲ୍ଡିଂ, ନୂତନ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନକୁ ପ୍ରୋତ୍ସାହନ, ବୟନ ଶିଳ୍ପ ସଂସ୍ଥାକୁ ସ୍ୱତନ୍ତ୍ର ଗୁରୁତ୍ୱ, ପର୍ଯ୍ୟଟନ ଶିଳ୍ପର ବିକାଶ, ଶିକ୍ଷା ସହ ତାଲିମକୁ ଯୋଡ଼ିବା, ଖଣି କ୍ଷେତ୍ରରେ ପ୍ରକ୍ରିୟାକରଣ ଏବଂ ମ୍ୟାନୁଫ୍ୟାକଚରିଂ ଶିଳ୍ପକୁ ପ୍ରୋତ୍ସାହନ, ସୌର ଓ ପବନ ଶକ୍ତି ବିନିଯୋଗ ଦ୍ୱାରା ଅକ୍ଷୟଶକ୍ତି ଉତ୍ପାଦନ ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ସେହିପରି ଉଡ଼ାଣ ଯୋଜନାରେ ରାସଗୋବିନ୍ଦପୁର ଠାରେ ନୂତନ ବିମାନବନ୍ଦର ନିର୍ମାଣ ଦ୍ୱାରା ଯାତାୟତ କ୍ଷେତ୍ରରେ ବ୍ୟାପକ ଉନ୍ନତି ଘଟିବ ବୋଲି ସେ ଦର୍ଶାଇଛନ୍ତି । ମଧ୍ୟ ଓଡ଼ିଶାର ଭୁବନେଶ୍ୱର ଓ କଟକ, ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର, ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ରାଉରକେଲା ଠାରେ ମହାନଗର ନିଗମ ଗଠନ ହୋଇଥିଲେ ମଧ୍ୟ ଉତ୍ତର ଓଡ଼ିଶାର ବାଲେଶ୍ୱରକୁ ଏପର୍ଯ୍ୟନ୍ତ ମହାନଗର ନିଗମ ମାନ୍ୟତା ମିଳିପାରିନାହିଁ । ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍ତର ଓଡ଼ିଶାର ବାଲେଶ୍ୱର ସହରକୁ ଉପେକ୍ଷା ସମଗ୍ର ଉତ୍ତର ଓଡ଼ିଶାବାସୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଛି ବୋଲି ଶ୍ରୀ ପଟ୍ଟନାୟକ ଦର୍ଶାଇଛନ୍ତି । ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ସମୟର ଆବଶ୍ୟକତା ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଗଠନ କରିବା ପାଇଁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଦାବି କରିଛନ୍ତି ।

## ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ କୁମାରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଚଳିତ ସଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଧାରଣ ସଂପାଦକ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡ଼ି ଓ ବିଜେପି ମେଂଟ ଆଲୋଚନାକୁ ସାଧାରଣରେ ନାପସନ୍ଦ କରାଯାଇଛି । ଏହି ମେଂଟ ଆଲୋଚନା ତାଙ୍କ ଭିତିରି ସଂପର୍କକୁ ପଦାରେ ପକାଇଛି । ଏବେ କଂଗ୍ରେସ ଦଳ ଓଡ଼ିଶାରେ ବିକଳ୍ପ ଭାବେ ଉଭା ହେଇଛି । କଂଗ୍ରେସ କର୍ମୀମାନେ ଏବେ ଏକଜୁଟ ହୋଇ ଦଳକୁ ବିଜୟୀ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡ଼ା , ବ୍ଲକ କଂଗ୍ରେସ କମିଟି ଉପ-ସଭାପତି ପ୍ରଫୁଲ୍ଲ କୁମାର ରାୟ ଓ ଯୁବନେତା ଦୀପକ କୁମାର ବଳ ପ୍ରମୁଖ ଯୋଗଦେଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଥିବା ୫୪ ଗୋଟି ପଂଚାୟତରେ ସାଂଗଠନିକ ବୈଠକ ଚାଲିବା ସହିତ ନିର୍ବାଚନ ପ୍ରସ୍ତୁତ ଆରମ୍ଭ ହୋଇଯାଇଛି ବୋଲି ସୂଚନା ଦେଇଥିଲେ । ଆଜିର ବୈଠକରେ ପୂର୍ବତନ ସମିତି ସଭ୍ୟ ନରୋତମ ନାୟକ, ନକୁଳ ଜେନା,ମହିଳା ସଭାନେତ୍ରୀ ମିଲି ମଲ୍ଲିକ,ବାବୁଲି ମଲ୍ଲିକ, ଯୁବନେତା ଦେବାଶିଷ ପରିଡ଼ା, ନୀଳମଣି ମହାନ୍ତି, ବାବାଜୀ ରାଉତ,ନାରାୟଣ ରାଉତ, ଯିତେନ୍ଦ୍ର ରଥ, କାର୍ତିକ ସାହୁ, ଅମରେନ୍ଦ୍ର ସାମଲ, ଓସି ଆଲମ ପ୍ରମୁଖ ଯୋଗଦେଇ ବିଭିନ୍ନ ପଂଚାୟତର ସଂଗଠନ ସ୍ଥିତ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ବହୁ ପୂର୍ବତନ ଜିଲ୍ଲା ପରିଷଦ,ସରପଂଚ, ସମିତି ସଭ୍ୟ ,ସଭ୍ୟା ଉପସ୍ଥିତ ଥିଲେ । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ପଂଚାୟତରେ ନିର୍ବାଚନୀ ପ୍ରସ୍ତୁତି ଚାଲିଛି ବୋଲି କଂଗ୍ରେସ ନେତା ଶ୍ରୀ ପଣ୍ଡା ସୂଚନା ଦେଇଥିଲେ ।

## ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,(ପି.ଏନ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଯୋଗେ କେନ୍ଦ୍ରାପଡ଼ା ଇଛାପୁର ସାମଗୁଡ଼ିଆ ନିକଟସ୍ଥ ନବନିର୍ମିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି । ଭବିଷ୍ୟତ ପାଇଁ ବଡ଼ଶକ୍ତିଭାବେ ଉଭା ହୋଇଥିବା ସଶକ୍ତ ଯୁବଶକ୍ତି ଗଠନ ପାଇଁ କ୍ରୀଡ଼ା ଭିତିଭୂମିର ବିକାଶ ଉପରେ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାର ୨୬ଗୋଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ଉଦ୍‌ଘାଟନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶା ପୋଷଣ କରିଥିଲେ ଯେ, ଗ୍ରାମାଂଚଳଠାରୁ ସହରାଂଚଳ ପର୍ଯ୍ୟନ୍ତ ପିଲାମାନେ କ୍ରୀଡ଼ାକ୍ଷେତ୍ରରେ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବେ ଏବଂ ଏହି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ସେମାନଙ୍କୁ ଏ ଦିଗରେ ସୁଯୋଗ ପ୍ରଦାନ କରିବ । ଏହି ଅବସରରେ ୫- ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ କହିଥିଲେ ଯେ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ହେଉଛି ଲୋକମାନଙ୍କର ସମ୍ପତି ଓ ତାର ଯତ୍ନ ନେବା ଦାୟିତ୍ୱ ଲୋକମାନଙ୍କର । ଏହି ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରାପଡ଼ାର ବିଧାୟକ ଶଶୀଭୂଷଣ ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା କ୍ରୀଡ଼ା ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ବିଭିନ୍ନ ସ୍କୁଲ୍‌ର କ୍ରୀଡ଼ା ଶିକ୍ଷକ, କ୍ରୀଡ଼ାବିତ୍, ଜନପ୍ରତିନିଧି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଏହି ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିଲେ । ଜାତୀୟ ରାଜପଥ ନିର୍ମାଣରେ ଜଳ ସେଚନ ଓ ନିଷ୍କାସନ ଉପର ଧ୍ୟାନ ଦେବାକୁ କୃଷକ ବିକାଶ ପରିଷଦର ଜିଲ୍ଲାପାଳଙ୍କୁ ଦାବି ୮ ଲେନ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣ ସମୟରେ ଜିଲ୍ଲାର ଜଳସେଚନ ଓ ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦେବାକୁ କୃଷକ ବିକାଶ ପରିଷଦର ଦାବି କେନ୍ଦ୍ରାପଡ଼ା, ୧୩।୩ : ଦୈତାରୀ ପାରାଦୀପ ଜାତୀୟ ରାଜପଥ ଯାଜପୁର ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ କେନ୍ଦ୍ରାପଡ଼ା ଜିଲ୍ଲା ମଧ ଦେଇ ପାରାଦୀପ ପର୍ଯ୍ୟନ୍ତ ଯାଇଅଛି । ହରିଦାସପୁର– ପାରାଦୀପ ରେଳପଥ ଦୈତାରୀ – ପାରାଦୀପ ଜାତୀୟ ରାଜପଥର ବାମ ପାର୍ଶ୍ୱରେ ଯାଇଅଛି । ଦୈତାରୀ– ପାରାଦୀପ ରାସ୍ତା ୪ ଲେନ ବିଶିଷ୍ଟ ଥିଲା । ଏହାକୁ ସରକାର ଏବେ ୮ ଲେନ ବିଶିଷ୍ଟ କରୁ ଅଛନ୍ତି ଓ ଏହି କାର୍ଯ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ଆରମ୍ଭ ହୋଇ ଦ୍ରୁତ ଗତିରେ ଚାଲୁଅଛି । ନଦୀ, ନାଳ ଘେରା କେନ୍ଦ୍ରାପଡ଼ା ଜିଲ୍ଲାର ମଧ ଭାଗ ଦେଇ ୮ ଲେନ ବିଶିଷ୍ଟ ରାଜପଥ, ପ ୂପାଣ୍ଡବ ଛକ ଠାରୁ ନୀଳାଚଳ ଛକ ପର୍ଯ୍ୟନ୍ତ ନିର୍ମାଣ କରାଯିବା ସମୟରେ ଜିଲ୍ଲାର ଜଳସେଚନ ଓ ଜଳ ନିଷ୍କାସନ ଉପରେ ବହୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡିବ । ଏଥିରେ ବହୁ ପାଟନାଳି, କେନାଲ ଓ ନଦୀ ପ୍ରଭାବିତ ହେବ । ଏଣୁ ରାସ୍ତା ନିର୍ମାଣ ସମୟରେ ଜିଲ୍ଲାର ଚାଷୀମାନଙ୍କର ଶସ୍ୟକ୍ଷେତ୍ରକୁ କେନାଲର ସଂଯୋଗ ଓ ପାଟନାଳିରେ ଜଳ ନିଷ୍କାସନ ଓ ନଦୀର ପୋଲ ଆଦି ନିର୍ମାଣ ସମୟରେ ବହୁ ସତର୍କତାର ସହ କାର୍ଯ୍ୟ କରିବାକୁ ପଡିବ । ନତୁବା ଜିଲ୍ଲାରେ ଜଳ ନିଷ୍କାସନ ନ ହୋଇ ପାରି ରାସ୍ତା ର ଉଭୟ ପାର୍ଶ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ପାଟ ସୃଷ୍ଟି ହୋଇ ବର୍ଷାଦିନେ ହ୍ରଦର ଭ୍ରମ ସୃଷ୍ଟି କରିବ । ଚାଷୀମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବହୁ କଷ୍ଟରେ କରିଥିବା ଫସଲକୁ ଅମଳ କରି ଘରକୁ ନେଇ ପାରିବେ ନାହିଁ ଓ ବହୁ କ୍ଷତିର ସମ୍ମୁଖୀନ ହେବେ । ଅନେକ ସ୍ଥଳରେ କେନାଲ ସ୍ଥାନରେ କେବଳ ହ୍ୟୁମ ପାଇପ ନ ପକାଇ ସଠିକ ଭାବରେ ସୁଉଚ୍ଚ ବକ୍ସ ପୋଲ କରି ଜଳ ସେଚନର ବ୍ୟବସ୍ଥା କରିବାକୁ ହେବ । ପାଟନାଳି ଉପରେ ସୁଉଚ୍ଚ ପୋଲ ନିର୍ମାଣ କରା ନଗଲେ ବର୍ଷା ଦିନେ ପୋଲ ପାଖରେ ଦଳ ଅଟକି ଓ ଜମିରହି ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବ । ୮ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ସମୟରେ ଉଭୟ ଜଳ ସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସଠିକ ତଦାରଖ କରି କାର୍ଯ୍ୟ କରା ନ ଗଲେ ଓ ଚାଷୀଙ୍କ ଦାବି ପ୍ରତି ଅଣଦେଖା କରିଲେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଅଗ୍ରଣୀ କୃଷକ ସଂଗଠନ 'କୃଷକ ବିକାଶ ପରିଷଦ' ନୀରବ ଦ୍ରଷ୍ଟା ହୋଇ ବସି ରହିବ ନାହିଁ । ବରଂ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବ । କୃଷକ ମାନଙ୍କୁ ବନ୍ଧୁ ଭାବି ସେମାନଙ୍କ ସହିତ ବନ୍ଧୁତାର ହାତ ବଢାଇ, ରାସ୍ତା ନିର୍ମାଣ ସମୟରେ ଉଭୟ ଜଳସେଚନ ଓ ଜଳ ନିଷ୍କାସନ ଉପର ଗୁରୁତ୍ୱ ପ୍ରଦାନ କରିବାକୁ କୃଷକ ବିକାଶ ପରିଷଦର ଅଧକ୍ଷ ତଥା କୃଷକ ନେତା ବିଜୟ ପରିଡା ଜିଲ୍ଲାପାଳଙ୍କ ସହ ସବିଶେଷ ଆଲୋଚନା କରି ଆଜି ଦାବି ପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କୃଷକ ବିକାଶ ପରିଷଦର ସୁରେନ୍ଦ୍ର ପଳାଇ, ମଧୁସୂଦନ ରାଉତ, ରଞ୍ଜନ ବିଶ୍ୱାଳ, ଧରଣୀଧର ପରିଡା, ଅନନ୍ତ ବାସୁଦେବ ବରାଳ, ପୂର୍ଣ୍ଣଚନ୍ଦ୍ର କର ଓ ଶ୍ରୀଧର ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray